## ସଂକ୍ଷେପରେ

### ଝରକା ଭାଙ୍ଗି ୩୦ ହଜାର ଟଙ୍କା, ସୁନା ଅଳଙ୍କାର ଚୋରି

ସାଲେପୁର,୭।୧(ଡି.ଏନ୍.ଏ.)- ସାଲେପୁର ଥାନା ଅଧୀନ ବାଲିସାହିସ୍ଥିତ ହନୁମାନ ମନ୍ଦିର ନିକଟରେ ରହୁଥିବା ଚନ୍ଦ୍ରାବତୀ ସ୍ୱାଇଁଙ୍କ ଘରୁ ଗୁରୁବାର ଦିନ ଦ୍ୱିପ୍ରହରରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ଝରକା ଭାଙ୍ଗି ୩୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଚୋରି କରିନେଇଛନ୍ତି ବୋଲି ଚନ୍ଦ୍ରାବତୀଙ୍କ ଭାଇ ହରେକୃଷ୍ଣ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଚନ୍ଦ୍ରାବତୀ ଓ ସ୍ୱାମୀ କୌଣସି କାରଣରୁ ଘରେ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ପୂର୍ବ ଓ ପଶ୍ଚିମପଟ ଝରକା ଗ୍ରୀଲ୍‌କୁ କାଟି ଭିତରକୁ ପ୍ରବେଶ କରିଥିଲେ। ସେମାନେ ଘର ସାମଗ୍ରୀ ସବୁ ଫୋପଡା ଫିଙ୍ଗା କରି ବାକ୍ସରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ସିଟି ଲାଇଭ୍‌ଲିହୁଡ୍ ସେଣ୍ଟର ଆଶ୍ରୟ୍ ନାମରେ ଏତଲା

ଭୁବନେଶ୍ୱର,୭।୧(ବ୍ୟୁରୋ)- ୨୦୧୬ ଅକ୍ଟୋବର ୨୮ରେ ବିଏମ୍‌ସି ଓ ଆଶ୍ରୟ୍ ଅନୁଷ୍ଠାନ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ସଂସ୍ଥାର ସେକ୍ରେଟାରୀ ବ୍ରହ୍ମେଶ୍ୱରପାଟଣା ସିଟି ଲାଇଭ୍‌ଲିହୁଡ୍ ସେଣ୍ଟର (ସିଏଲ୍‌ସି) ଆଶ୍ରୟସ୍ଥଳକୁ ଚଳାଇ ଆସୁଛନ୍ତି। ତେବେ ଟଙ୍କା ପଇସା ଦେବାନେବା ଓ ଅନୁଦାନର ଜାଲ୍ ବିଲ୍ ଦେଇଥିବାରୁ ଏହି ସଂସ୍ଥା ନାମରେ ବିଏମ୍‌ସି ପକ୍ଷରୁ ଏତଲା ଦିଆଯାଇଛି। ଠିକ୍ ହିସାବ ନ ରଖି ସରକାରୀ ଅନୁଦାନ ଆତ୍ମସାତ କରିଥିବାରୁ ସିଏଲ୍‌ସିର ଆଭିମୁଖ୍ୟ କ୍ଷୁର୍ଣ୍ଣ କରିଥିବା ବିଏମ୍‌ସି ଅଭିଯୋଗ କରିଛି। ବିଏମ୍‌ସି ଉପଆୟୁକ୍ତ କମଳାକାନ୍ତ ବେହେରା ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ଏହି ସିଏଲ୍‌ସିରେ କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀଙ୍କ ନାମରେ ଦିଆଯାଇଥିବା ଟଙ୍କାର ଠିକ୍ ପ୍ରମାଣ ସଂସ୍ଥାର ସେକ୍ରେଟାରୀ ଦେଇପାରି ନାହାନ୍ତି। ତେଣୁ ସରକାରଙ୍କ ଅନୁଦାନକୁ ଆତ୍ମସାତ୍ କରାଯାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗ ସଂକ୍ରାନ୍ତରେ ସଂସ୍ଥା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି।

### ସରକାରୀ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ

ଜେଲ୍‌ଗଲେ ଠିକାଦାର, ୪ ଫେରାର

ଭୁବନେଶ୍ୱର,୭।୧(ବ୍ୟୁରୋ): ସରକାରୀ କର୍ମଚାରୀଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୁରୁବାର ଶହୀଦନଗର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୋରଡକଣ୍ଟା ବେହେରାସାହିର ବିଷ୍ଣୁ ବେହେରା(୫୦)। ସେ ଠିକାଦାର ଭାବେ କାର୍ଯ୍ୟ କରନ୍ତି। ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ଜଣ ଫେରାର ଥିବାରୁ ସେମାନଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଥିବା କହିଛି। ଆକ୍ରମଣର ଶିକାର ସରକାରୀ କର୍ମଚାରୀ ଜଣକ ହେଲେ ପ୍ରଶାନ୍ତ ବେହେରା(୨୮)। ସେ କୋରଡକଣ୍ଟା ବେହେରା ସାହିରେ ରୁହନ୍ତି। ଡିସେମ୍ବର ୨ରେ ସେ ଅଫିସ୍ ଯାଉଥିଲେ। ଠିକାଦାର ବିଷ୍ଣୁ ରାସ୍ତାରେ ବାଲି, ମାଟି ଗଦା କରି ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବାରୁ ପ୍ରଶାନ୍ତ ଏନେଇ କହିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବିଷ୍ଣୁ ଓ ୪ ସହଯୋଗୀ ପ୍ରଶାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ନିକଟରେ ପଡିଥିବା ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ପ୍ରଶାନ୍ତଙ୍କ ଅଭିଯୋଗକ୍ରମେ ଶହୀଦନଗର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### କୃଷି, କୃଷକ କର୍ମଶାଳା

ଆଠଗଡ,୭।୧(ସ୍ୱ.ପ୍ର.) -ଆଠଗଡ଼ ଆତ୍ମା କମିଟି ତରଫରୁ ଗୁରୁବାର ‘କୃଷି ଓ କର୍ମଶାଳା -୨୦୨୧’ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୂର୍ଯ୍ୟଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆତ୍ମା ସଭାପତି ରବୀନ୍ଦ୍ରନାଥ ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସୂର୍ଯ୍ୟଭବନରେ ନୂତନ ଭାବେ ନିର୍ମିତ ସୂର୍ଯ୍ୟମିଶ୍ର ସଭାଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ଚାଷୀ ଓ ବିଭିନ୍ନ ଚାଷ ସମ୍ପର୍କିତ ଯୋଜନାଗୁଡ଼ିକୁ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚାଷୀ ଦିଲୀପ କୁମାର ବରାଳ ଯୋଗଦେଇ ଆଧୁନିକ କୃଷିରେ ବିଜ୍ଞାନର ସହଯୋଗିତା ନେଇ କାର୍ଯ୍ୟ କରିବାକୁ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କଟକ ଜିଲାପରିଷଦ ଉପାଧକ୍ଷ ସୁନିଲ ପରିଡ଼ା, ରଞ୍ଜନ ଆଚାର୍ଯ୍ୟ, ରୂପା ଦଳେଇ, ହରେନ୍ଦ୍ର ଦଳେଇ, ବିଷ୍ଣୁପ୍ରସାଦ ସିଂ ଓ ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ସାଇବର ଠକେଇ ରୋକିବାକୁ ୮ ଜଣିଆ ଟିମ୍

ଭୁବନେଶ୍ୱର,୭।୧(ବ୍ୟୁରୋ):

- ହେଲ୍ପଲାଇନ୍ ନମ୍ବର ଜାରିକଲା କମିଶନରେଟ୍ ପୋଲିସ
- ଅଭିଯୋଗମାତ୍ରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଆଇସିଙ୍କୁ ନିର୍ଦ୍ଦେଶ

ରାଜଧାନୀରେ ଦିନକୁ ଦିନ ସାଇବର ଠକେଇ ଅଭିଯୋଗ ବଢ଼ିବାରେ ଲାଗିଛି। ବାରମ୍ବାର ସଚେତନ ପରେ ବି ଲୋକେ ଠକେଇରୁ ବର୍ତ୍ତି ପାରୁନାହାନ୍ତି। ସାଇବର ଅପରାଧୀମାନେ ନୂଆ ନୂଆ ଉପାୟରେ ଲୁଟୁଛନ୍ତି। କେତେବେଳେ ଲଟେରୀ ଲୋଭ ଦେଖାଇ ତ ଆଉ କେତେବେଳେ ବ୍ୟାଙ୍କ କର୍ମଚାରୀ ସାଜି ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରିଦେଉଛନ୍ତି। ମୁଖ୍ୟତଃ ବରିଷ୍ଠ ନାଗରିକ ଏହି ଠକେଇରେ ଅଧିକ ମାତ୍ରାରେ ଶିକାର ହେଉଛନ୍ତି। ଏହା ଏବେ କମିଶନରେଟ୍ ପୋଲିସର ମୁଣ୍ଡବ୍ୟଥା ସାଜିଛି। ତେଣୁ ସାଇବର ଠକେଇ ରୋକିବା ପାଇଁ କମିଶନରେଟ୍ ପୋଲିସ ୮ଜଣିଆ ଟିମ୍ ଗଠନ କରିଛି। ଏ ସମ୍ପର୍କରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ଜଣେ ଏସ୍ଆଇ ଓ ୭ଜଣ କନ୍‌ଷ୍ଟେବଲଙ୍କୁ ନେଇ ଉକ୍ତ ଟିମ୍ ଗଠନ କରାଯାଇଛି। ଏହାସହ ସାଇବର ଠକେଇ ବାବଦରେ ଥାନାରେ ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଥାନା ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପୋଲିସ ପକ୍ଷରୁ ଭୁବନେଶ୍ୱରବାସୀଙ୍କ ପାଇଁ ଏକ ହେଲ୍ପଲାଇନ୍ ନଂ.୭୪୪୦୦୦୬୭୦୯ ଜାରି କରାଯାଇଛି। ସାଇବର ଠକେଇର ପ୍ରଥମ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ। ତେଣୁ ଠକେଇର ଶିକାର ହେବାମାତ୍ରେ ତୁରନ୍ତ ଏହି ସହାୟତା ନମ୍ବରରେ କଲ୍ କରି ପୋଲିସକୁ ଜଣାନ୍ତୁ ବୋଲି କମିଶନର ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ଖବର ପାଇଲେ ଟଙ୍କା କୁଆଡେ ଯାଉଛି ଓ କେଉଁ ଆକାଉଣ୍ଟକୁ ଯାଉଛି ତାହା ତଦନ୍ତ କରାଯାଇ ଠକଙ୍କୁ ଧରାଯାଇପାରିବ। କଲ୍ ଜରିଆରେ ଆସିଥିବା ୟୁଆର୍‌ଏଲ୍ ଦେବାମାତ୍ରେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି। ଏଥିସହିତ ଠକଙ୍କ ମୋବାଇଲ ନମ୍ବର ଓ ବ୍ୟାଙ୍କ୍ ଆକାଉଣ୍ଟକୁ ବ୍ଲକ୍ କରାଯିବା ସହଜ ହେବ। ଯଦି କାହା ପାଖକୁ ସନ୍ଦେହଜନକ ଫୋନ୍ କଲ କିମ୍ବା ମେସେଜ ଆସୁଛି, ତେବେ ତୁରନ୍ତ ଏହି ନମ୍ବରରେ ମଧ୍ୟ କଲ୍ କରି ଜଣାନ୍ତୁ ବୋଲି କମିଶନର ଷଡ଼ଙ୍ଗୀ ନିବେଦନ କରିଛନ୍ତି।



ସପ୍ତାହକୁ ଗୋଟିଏ ଦିନ ସାଇକେଲ ଚଲାଇବା ପାଇଁ ସହରବାସୀଙ୍କୁ ସଚେତନତା ସହ ଉତ୍ସାହିତ କରିବା ପାଇଁ ଗୁରୁବାର ଭୁବନେଶ୍ୱର କୋର୍ଟ ପରିସରରୁ ବାହାରିଥିବା ମେଗା ରୋଟାରି ପବ୍ଲିକ୍ ଆୱାର୍‌ନେସ୍ କ୍ୟାମ୍ପେନ।

# ଦେବୋତ୍ତର କମିଶନରଙ୍କୁ ଭେଟିଲା ଏକାମ୍ର ଜନଜାଗରଣ ମଞ୍ଚ



ଦେବୋତ୍ତର କମିଶନରଙ୍କୁ ଭେଟିବାକୁ ଯାଇଥିବା ଏକାମ୍ର ଜନଜାଗରଣ ମଞ୍ଚର କର୍ମକର୍ତ୍ତା।

ପୁରୁଣା ଭୁବନେଶ୍ୱର,୭।୧(ଡି.ଏନ୍.ଏ.):

**ଶିବତୀର୍ଥ ମଠ ଭଙ୍ଗାଯିବା ଘଟଣା**

ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ପାର୍ଶ୍ୱରେ ଥିବା ଶିବତୀର୍ଥ ମଠକୁ ବୁଧବାର ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ଭଙ୍ଗାଯାଇଛି। ଏହି ପ୍ରାଚୀନ ମଠକୁ ଭଙ୍ଗାଯିବା ପ୍ରତିବାଦରେ ଗୁରୁବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦେବୋତ୍ତର କମିଶନରଙ୍କୁ ଘେରାଉ କରାଯାଇଥିଲା। ଗତ ୨୩ ତାରିଖରେ ବିଭାଗୀୟ ଅଧିକାରୀ ମଠକୁ ଭଙ୍ଗାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମଠ କାହିଁକି ଭଙ୍ଗାଗଲା, ଯେଉଁମାନେ ଭାଙ୍ଗିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଞ୍ଚ ଦାବି କରିଥିଲା। ପ୍ରାୟ ଏକ ଘଣ୍ଟା ପରେ ଅଧିକାରୀଙ୍କ ପ୍ରତିଶ୍ରୁତି ମିଳିବା ପରେ ତାଙ୍କୁ ଛାଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ, ଜଗତଚନ୍ଦ୍ର ଦାଶ, ଗୋପୀନାଥ ପ୍ରଧାନ, ଦିଲ୍ଲୀପ ସୁବୁଦ୍ଧି, ବିନୋଦିନୀ ସେନାପତି, ସୁଲତା ସାହାଣୀ, ସଞ୍ଜୁଲତା ପଟ୍ଟନାୟକ, ସଂଗ୍ରାମ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର,୭।୧(ବ୍ୟୁରୋ) : ସାମାନ୍ୟ ବଚସାକୁ କେନ୍ଦ୍ରକରି ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ଗୁରୁବାର ତମାଣ୍ଡୋ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସିଜିପୁର ତମାଣ୍ଡୋ ଅଞ୍ଚଳର ସତ୍ୟବ୍ରତ ବେହେରା ଓ ପ୍ରତାପ ବେହେରା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଆଇନଜୀବୀ ଲଳିତ ହରିଚନ୍ଦନ ତମାଣ୍ଡୋ ଥାନା ଅଧୀନ କଳିଙ୍ଗ ବିହାରରେ ଘର ଭଡ଼ା ନେଇ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ କୋର୍ଟ କାର୍ଯ୍ୟସାରି ଘରକୁ ଫେରୁଥିଲେ। କଳିଙ୍ଗ ବିହାର ଛକରେ ଛିଡ଼ା ହୋଇଥିବାବେଳେ କେତେଜଣ ଯୁବକ ତାଙ୍କୁ ଗାଳିଗୁଲଜ କରିଥିଲେ । ଏ ନେଇ ଲଳିତ ପ୍ରତିବାଦ କରିବାରୁ ସେମାନେ ସଂଘବଦ୍ଧ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ହାତକୁ ଭାଙ୍ଗି ଦେଇଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ସେ ହସ୍ପିଟାଲରୁ ଆସି ବୁଧବାର ରାତିରେ ଥାନାରେ ଅଭିଯୋଗ କରିଥିଲେ।

## ପୂର୍ବତନ ବିଧାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲିଅନ୍ତା,୭।୧(ଡି.ଏନ୍.ଏ.): ବାଲିପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ହରିହର ଭୋଇଙ୍କ ଏକ ପ୍ରତିମୂର୍ତ୍ତି ଗୁରୁବାର ବେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଉନ୍ମୋଚିତ ହୋଇଯାଇଛି। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ସରପଞ୍ଚ ରଶ୍ମିତା ପାତ୍ର, ସମିତିସଭ୍ୟା ଗାୟତ୍ରୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ଅମରେନ୍ଦ୍ର ପଟ୍ଟନାୟକ, ଅଚ୍ୟୁତାନନ୍ଦ ପାତ୍ର, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୧୨୦ ବ୍ୟବସାୟ ପ୍ରତିଷ୍ଠାନକୁ ନୋଟିସ

ଭୁବନେଶ୍ୱର,୭।୧(ବ୍ୟୁରୋ)

**ଟ୍ରେଡ୍ ଲାଇସେନ୍ସ ଯାଞ୍ଚ କଲା ବିଏମ୍‌ସି**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନର୍ଥ ଓ ସାଉଥ୍ ଇଷ୍ଟ ଜୋନ୍ ପକ୍ଷରୁ ଗୁରୁବାର ଟ୍ରେଡ୍ ଲାଇସେନ୍ସ ଯାଞ୍ଚ ପାଇଁ ମିଳିତ କରାଯାଇଛି। ୱାର୍ଡ଼ ନଂ.୩୧ ଓ ୧୯ ଅନ୍ତର୍ଗତ ରସୁଲଗଡ଼ ଅଞ୍ଚଳରେ ଥିବା ବଜାର ଓ ମଲ୍ ନିକଟ ବ୍ୟବସାୟ ପ୍ରତିଷ୍ଠାନରେ ଅଚାନକ ଚଢ଼ାଉ ସହ ଯାଞ୍ଚ କରାଯାଇଥିଲା। ଉଭୟ ଜୋନ୍‌ର ମାର୍କେଟିଂ ଟିମ୍ ଓ ୱାର୍ଡ଼ ଅଫିସରମାନେ ଉପସ୍ଥିତ ରହି ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଟ୍ରେଡ୍ ଲାଇସେନ୍ସ ନ ଥିବା ୧୨୦ ବ୍ୟବସାୟ ପ୍ରତିଷ୍ଠାନକୁ ବିଏମ୍‌ସି ପକ୍ଷରୁ ନୋଟିସ୍ ଦିଆଯାଇଛି। ଟ୍ରେଡ୍ ଲାଇସେନ୍ସ କରିବା ପାଇଁ ବିଏମ୍‌ସି ଅନ୍‌ଲାଇନ୍ ସୁବିଧା କରିଥିଲେ ମଧ୍ୟ କିଛି ବ୍ୟବସାୟୀ ଜାଣିଶୁଣି ଆଚରଣଗତ ଭାବେ ଲାଇସେନ୍ସ ନ କରୁଥିବା ବିଏମ୍‌ସି କର୍ତ୍ତୃପକ୍ଷ କହିଥିଲେ। ଆଗକୁ ଟ୍ରେଡ୍ ଲାଇସେନ୍ସ ଜନିତ ଯାଞ୍ଚ ପ୍ରକ୍ରିୟା ସମସ୍ତ ଜୋନ୍‌ରେ ଜାରି ରହିବ। ବ୍ୟବସାୟ ପ୍ରତିଷ୍ଠାନକୁ ଯାଇ ବିଏମ୍‌ସି କର୍ମଚାରୀମାନେ ଏହାର ବିବରଣୀ ଦାଖଲ କରିବେ। ଅନ୍ୟପକ୍ଷରେ କେତେକ ବ୍ୟବସାୟୀଙ୍କ ଅନୁରୋଧ କ୍ରମେ ବିଏମ୍‌ସି ପକ୍ଷରୁ ଉକ୍ତ ଅଞ୍ଚଳର ବ୍ୟବସାୟୀମାନଙ୍କର ଲାଇସେନ୍ସ କରାଇବାରେ ସହଯୋଗ କରିବା ପାଇଁ ୱାର୍ଡ ଅଫିସର୍‌ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହିତ ଯଥାଶୀଘ୍ର ଟ୍ରେଡ୍ ଲାଇସେନ୍ସ କରିବାକୁ ତାଗିଦ କରାଯାଇଛି। ଏହି ଯାଞ୍ଚ ସମୟରେ ସାଉଥ୍ ଇଷ୍ଟ ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ, ନର୍ଥ ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ପୁରନ୍ଦର ନନ୍ଦ ଏବଂ ଆସିଷ୍ଟାଣ୍ଟ କମିଶନର ଲିଲନ୍ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ପିପିଲି,୭।୧(ସ୍ୱ.ପ୍ର.): ପିପିଲି–ଡେଲାଙ୍ଗ ଛକ ନିକଟ ଡେଲାଙ୍ଗ ରୋଡରେ ଗୁରୁବାର ପୂର୍ବାହ୍ନରେ ଟ୍ରକ୍ ଧକ୍କାରେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜାମୁକୋଳି ଗ୍ରାମର ରୋହିତ ପରିଡା ଓ ଦୁଃଖୀଶ୍ୟାମ ସ୍ୱାଇଁ। ଚିକିତ୍ସା ପାଇଁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ପିପିଲିରୁ ଡେଲାଙ୍ଗ ଅଭିମୁଖେ ଯାଉଥିବାବେଳେ ଏକ ଟ୍ରକ ସହ ଧକ୍କା ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଛି।

# ଭବିଷ୍ୟନିଧି ଦେୟ ଦେବେ କେନ୍ଦ୍ର ସରକାର

ଭୁବନେଶ୍ୱର, ୭।୧(ବ୍ୟୁରୋ)

**ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା**

ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ‘ଆତ୍ମନିର୍ଭର ଭାରତ-୩.୦’ ପ୍ୟାକେଜ ଅନ୍ତର୍ଗତ ‘ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା’ କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଭାରତୀୟ ଅର୍ଥନୀତିରେ ତ୍ୱରିତ ସୁଧାର ଆଣିବା ପାଇଁ ଏକ ମହତ୍ୱାକାଂକ୍ଷୀ ଯୋଜନା। ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ରୋଜଗାର ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନାରେ ଉଭୟ ନିଯୁକ୍ତିଦାତା ଏବଂ ଭବିଷ୍ୟନିଧି ସଦସ୍ୟଙ୍କ ଉଭୟ ଭବିଷ୍ୟନିଧି ଅଂଶଦାନକୁ କେନ୍ଦ୍ର ସରକାର ଦୁଇ ବର୍ଷ ପର୍ଯ୍ୟନ୍ତ ବହନ କରିବେ।

‘ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା (ଏବିଆର୍‌ୱାଇ) ପିଛିଲା ଭାବେ ୧ ଅକ୍ଟୋବର ୨୦୨୦ରୁ ଆରମ୍ଭ ହୋଇ ୩୦ ଜୁନ ୨୦୨୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଯୋଜନା ଅନ୍ତର୍ଗତ କେବଳ ନୂତନ ନିଯୁକ୍ତି ସ୍ୱରୂପ ଉପରୋକ୍ତ ସମୟ ମଧ୍ୟରେ ଯୋଗ ଦେଉଥିବା ଭବିଷ୍ୟନିଧି ସଦସ୍ୟମାନେ ବିଶେଷ ଭାବେ ଲାଭାନ୍ୱିତ ହେବେ। ଏତଦ୍‌ବ୍ୟତୀତ ଯେଉଁ ସଦସ୍ୟ ଗତବର୍ଷ ୧ ମାର୍ଚ୍ଚରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ କାର୍ଯ୍ୟାନ୍ତର ହୋଇ ଉପରୋକ୍ତ ସମୟ ମଧ୍ୟରେ ପୁନଃନିଯୁକ୍ତି ପାଇଥିବେ ସେମାନେ ମଧ୍ୟ ଏହି ଯୋଜନାରେ ସାମିଲ ହୋଇପାରିବେ। ଏହି ସଦସ୍ୟମାନଙ୍କ ଭବିଷ୍ୟନିଧି ଦେୟ ବାବଦକୁ ଉଭୟ ଅଂଶରାଶି (୧୨% + ୧୨%)କୁ ଆସନ୍ତା ୨୦୨୩ ଜୁନ ୩୦ ତାରିଖ ପର୍ଯ୍ୟନ୍ତ କେବଳ ୨୪ ମାସ ପାଇଁ କେନ୍ଦ୍ର ସରକାର ଭବିଷ୍ୟନିଧି ସଙ୍ଗଠନକୁ ପ୍ରଦାନ କରିବେ। ଏଥିପାଇଁ କର୍ମଚାରୀମାନଙ୍କ ମାସିକ ବେତନ ୧୫ହଜାର ଟଙ୍କାରୁ କମ୍ ଏବଂ ୟୁଏନ ଆଧାର ସଂଲଗ୍ନିକୃତ ହେବା ଅପରିହାର୍ଯ୍ୟ। ଏଥିପାଇଁ ଗତ ସେପ୍ଟେମ୍ବରକୁ ମାନଦଣ୍ଡସ୍ୱରୂପ ଗ୍ରହଣ କରି୫୦ରୁ କମ୍ ସଂଖ୍ୟକ ସଂସ୍ଥାଗୁଡ଼ିକ ଅନ୍ୟୂନ ଦୁଇ ଜଣ ଏବଂ ତଦୁର୍ଦ୍ଧ୍ୱ ସଂଖ୍ୟକ ନିଯୁକ୍ତି ଅନ୍ୟୂନ ୫ ଜଣ ନୂତନ ସଦସ୍ୟ ପଞ୍ଜୀକରଣ କରିବା ଆବଶ୍ୟକ। ଏହି ଯୋଜନାକୁ ସମ୍ପୂର୍ଣ୍ଣ ସଫଳ କରିବାକୁ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ ମଧ୍ୟ ଏହାର ପୋର୍ଟାଲରେ ସବିଶେଷ ତଥ୍ୟ ଉପଲବ୍ଧ କରାଇଛନ୍ତି। ଓଡ଼ିଶାରେ ମଧ୍ୟ ଏହି ଯୋଜନାର ସୁଫଳ ହିତାଧିକାରୀମାନେ ଗ୍ରହଣ କରିବାକୁ ସ୍ଥାନୀୟ କାର୍ଯ୍ୟାଳୟର ଆଞ୍ଚଳିକ ଭବିଷ୍ୟନିଧି କମିଶନର ସୁଦୀପ୍ତ ଘୋଷ ଏବଂ ସହାୟକ ଭବିଷ୍ୟନିଧି କମିଶନର ସଂଜୟ କୁମାର ରଥ ନିବେଦନ କରିଛନ୍ତି।

# ଅଭିଯୁକ୍ତ ଜେଲଗଲେ

ଭୁବନେଶ୍ୱର,୭।୧(ବ୍ୟୁରୋ):

**ଏୟାରପୋର୍ଟରୁ ବନ୍ଧୁକ ଜବତ ଘଟଣା**

ଲଗେଜରେ ବନ୍ଧୁକ ଓ ଗୁଳି ରଖି ଚେନ୍ନାଇ ଯାଉଥିବାବେଳେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଧରାପଡି ଗିରଫ ହୋଇଥିଲେ ପୁରୀ ଜିଲା କୃଷ୍ଣପ୍ରସାଦ ଗ୍ରାମର ରାମଚନ୍ଦ୍ର ଜେନା (୨୩)। ଏୟାରପୋର୍ଟ ଥାନା ପୋଲିସ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତଦନ୍ତବେଳେ ତାଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିବା ପୋଲିସ ସୂଚନା ଦେଇଛି। ବନ୍ଧୁକ ବାବଦରେ ତଥ୍ୟ ପାଇବାକୁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ସେ ଚେନ୍ନାଇରେ କାମ କରୁଥିବା କମ୍ପାନୀ କର୍ମଚାରୀଙ୍କ ସହ ଯୋଗାଯୋଗ କରିଛି। ଅନ୍ୟପକ୍ଷେ ରାମଚନ୍ଦ୍ର ଉକ୍ତ ବନ୍ଧୁକଟିକୁ ପାଇଥିଲେ ବୋଲି ପୋଲିସକୁ କହିଛନ୍ତି। କିନ୍ତୁ ବନ୍ଧୁକକୁ ନେଇ ସତ କ’ଣ ଜାଣିବାକୁ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ସେପରି କିଛି ସୁରାକ ମିଳିଲେ ରାମଚନ୍ଦ୍ରଙ୍କୁ ରିମାଣ୍ଡରେ ଅଣାଯିବ ନେଇ ଥାନାଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି

ସୂଚନାଯୋଗ୍ୟ, ରାମଚନ୍ଦ୍ର ଚେନ୍ନାଇ ଯାଉଥିବାବେଳେ ବୁଧବାର ଏୟାରପୋର୍ଟରେ ସ୍କାନିଂ ସମୟରେ ତାଙ୍କ ବ୍ୟାଗ୍‌ରୁ ବନ୍ଧୁକ ଓ ଗୁଳି ମିଳିଥିଲା।

# ବିଭିନ୍ନ ଦାବି ନେଇ ଆଇନ ଅମାନ୍ୟ ଆନ୍ଦୋଳନ

କଟକ ଅଫିସ, ୭।୧

କୃଷି ଆଇନ ଓ ଶ୍ରମ କୋଡ୍ ବାତିଲ ଭଳି ବିଭିନ୍ନ ଦାବି ନେଇ ସିଆଇଟିୟୁ କଟକ ଜିଲା କମିଟି ପକ୍ଷରୁ ଗୁରୁବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। ଏସ୍‌ପି ଅଫିସ ଗଡ଼ା ସାମ୍ନାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ କମିଟି ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ କହିଥିଲେ, କେନ୍ଦ୍ର ସରକାର କର୍ପୋରେଟ ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ ପାଇଁ କୃଷି ଆଇନ ଓ ଶ୍ରମ କୋଡ୍ ଲାଗୁ କରିଛନ୍ତି। ଏହାକୁ ପ୍ରତ୍ୟାହାର ନ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସଙ୍ଗଠନର ଜିଲା ସଭାପତି ରବିନାରାୟଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଭୟ ସ୍ୱାଇଁ, ଉପସଭାପତି ବଦ୍ରିନାରାୟଣ ଦାଶ, ପୀତାମ୍ବର ଲେଙ୍କା, ଶୁଭଙ୍କର ଦାସ, ଶ୍ରୀଧର ମହାରଣା ଭଞ୍ଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଫଟୋ ଖବର




୫ ସାମାଜିକ ଅନୁଷ୍ଠାନର ସହଯୋଗରେ ଗଠିତ ଅନ୍ନପୂର୍ଣ୍ଣା ଟ୍ରଷ୍ଟକୁ ଗୁରୁବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ ଲୋକାର୍ପଣ କରୁଛନ୍ତି।




୩ କୃଷି ଆଇନକୁ ବିରୋଧ କରି ଅଖିଳ ଭାରତୀୟ ପରିବାର ପାର୍ଟି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ।

**ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦୀପଦାନ**

କଟକ ଅଫିସ: ଭାଜପା କଟକ ନଗର ମହିଳା ମୋର୍ଚ୍ଚା ପକ୍ଷରୁ ପରୀ ଓ ରାଜ୍ୟରେ ନିଖୋଜ ଥିବା ଶିଶୁମାନଙ୍କ ଉଦ୍ଦେଶ୍ୟରେ କଟକ ଚଣ୍ଡୀମନ୍ଦିରରେ ଦୀପଦାନ କରାଯାଇଛି। ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ ପଦଯାତ୍ରାରେ ଯାଇ ଚଣ୍ଡୀ ମନ୍ଦିରରେ ଦୀପଦାନ ସହିତ ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହୋଇଥିଲେ। ଉକ୍ତ ଘଟଣାର ସିବିଆଇ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ପ୍ରବୀଣା ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାସ, କଳ୍ପନା ପଟ୍ଟନାୟକ, ଗୀତା ଦାସଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଆର୍‌ଡିସିଙ୍କ ସମୀକ୍ଷା ବୈଠକ

**କଟକ ଅଫିସ, ୭।୧:** କଟକ ସହରର ରିଂ ରୋଡକୁ ୬ ଥାକିଆ କରାଯିବା ନିମନ୍ତେ ରାଜ୍ୟ ସରକାର ଯୋଜନା କରିଛନ୍ତି। ରିଂ ରୋଡ୍‌ର ବର୍ତ୍ତମାନ ସ୍ଥିତି ଓ ହେବାକୁ ଥିବା କାର୍ଯ୍ୟ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍‌ଡିସି ଅନିଲ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖାନ୍‌ନଗରଠାରେ ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର, ନର୍ସରି ଓ ବେଆଇନ ଜବରଦଖଲକୁ ହଟାଇବା ପାଇଁ ଆଲୋଚନା ହୋଇଥିଲା। ଶିଖରପୁରରୁ ଚହଟା ରିଂ ରୋଡର ପ୍ରସସ୍ତିକରଣ ଓ ଖାନନଗରରୁ ଲିଙ୍କ୍‌ରୋଡ ରାସ୍ତା ପ୍ରସସ୍ତିକରଣର ବିସ୍ତୃତ ପ୍ରକଳ୍ପ ବିବରଣୀ ବୈଠକରେ ଉପସ୍ଥାପନ ହୋଇଥିଲା। ଭୂମି ଅଧିଗ୍ରହଣର ବର୍ତ୍ତମାନ ସ୍ଥିତି, ଜଳ ସମ୍ପଦ ବିଭାଗର ବିଭିନ୍ନ ତଥ୍ୟ, ବିଦ୍ୟୁତ୍ ଖୁଣ୍ଟ ଓ କେବୁଲ ସ୍ଥାନାନ୍ତରୀକରଣ, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ଆର୍‌ଡିସି ଅବଗତ ହୋଇଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ପୂର୍ତ୍ତ ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ପାଢୀଙ୍କ ସହ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

### କୃଷି ଆଇନ ଉପରେ ଆଲୋଚନାଚକ୍ର

**କଟକ ଅଫିସ, ୭।୧:** ଓଡ଼ିଶା ସ୍ୱରାଜ୍ୟ ଅଭିଯାନ ଓ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଆନୁକୂଲ୍ୟରେ କଟକ ଗାନ୍ଧୀଭବନରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ଡା. ବିଶ୍ୱଜିତ୍ ଅଧକ୍ଷତା କରିଥିଲେ। କୃଷକମାରଣ ନୀତି ବିରୋଧରେ ପ୍ରତି ଜିଲାରେ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇ କମିଟି ଗଠନ କରାଯାଇଥିଲା। ଏଥିରେ ଅଖିଳ ଭାରତ ସର୍ବୋଦୟ ମଣ୍ଡଳର ସଭାପତି ଚନ୍ଦନ ପାଲ, ଗୌରାଙ୍ଗ ମହାପାତ୍ର, ସ୍ୱରାଜ୍ୟ ଅଭିଯାନର ଆବାହକ ସୁଧାଂଶୁ ଶେଖର ଦେଓ, ଗାନ୍ଧୀବାଦୀ ନେତା ଚିତ୍ତ ମହାନ୍ତି, ମାନବିକ ଅଧିକାର ମଞ୍ଚର ଆବାହକ ମାଗୁଣି ଜେନା, ବିଶ୍ୱାବସୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବନିତା ସାମଲ ଧନ୍ୟବାଦ ଦେଇଥିଲେ।

### ୩ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

**ଚୌଦ୍ୱାର, ୭।୧(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ନୂଆଗାଁ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବିଜୟଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ଦାସ, ବିଧାୟକଙ୍କ ପ୍ରତିନିଧି ସେକ୍ ସାହାଜାନ୍, ସାମାଜିକ କର୍ମୀ ସହଦେବ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚାରବାଟିଆ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏକାଦଶୀ ବେହେରା, ସହକାରୀ ଶିକ୍ଷୟିତ୍ରୀ କୁମୁଦିନୀ ଦାସ ଓ ଆଗ୍ରାହାଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା କୁମାରୀ ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।





ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି।

ମା' କଟକଚଣ୍ଡୀଙ୍କୁ ଦର୍ଶନ ସମୟରେ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡିଛନ୍ତି।



କଟକଚଣ୍ଡୀ ମନ୍ଦିର ସମ୍ମୁଖରେ ଦୀପ ଜଳାଯାଉଛି।

# କଟକରେ ଖୋଲିଲା ଧର୍ମାନୁଷ୍ଠାନ

**କଟକ ଅଫିସ, ୭।୧**

ଦୀର୍ଘ ୯ ମାସର ବ୍ୟବଧାନ ପରେ ଗୁରୁବାର କଟକ ସହରର ମନ୍ଦିର ଓ ସମସ୍ତ ଧାର୍ମିକ ଅନୁଷ୍ଠାନ ଖୋଲିଛି। କେତେକ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡିଥିଲେ। ଗୁରୁବାର କଟକ ଚଣ୍ଡୀମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଖାନ୍‌ନଗର କାଳୀମନ୍ଦିର ସମେତ ସହରର ମସ୍‌ଜିଦ ଓ ଗିର୍ଜାଘରଗୁଡ଼ିକ ଖୋଲାଯାଇଥିଲା। ତେବେ ଭିଡକୁ ଦୃଷ୍ଟିରେ ରଖି କଟକ ଚଣ୍ଡୀମନ୍ଦିର ଭିତରକୁ ଯିବା ପାଇଁ ପ୍ରଶାସନ ଅନୁମତି ଦେଇ ନ ଥିଲା। ଶୁକ୍ରବାରଠାରୁ କୋଭିଡ୍ ନିୟମ ମାନି କଟକ ଚଣ୍ଡୀମନ୍ଦିରରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିପାରିବେ ବୋଲି ଜିଲା ପ୍ରଶାସନ ସ୍ପଷ୍ଟ କରିଛି। ଦୀର୍ଘ ମାସ ପରେ ସହରରେ ଧାର୍ମିକ ଅନୁଷ୍ଠାନଗୁଡ଼ିକ ଖୋଲିଥିବାରୁ ତାହାକୁ ଫୁଲ ଓ ଆଲୋକମାଳାରେ ସଜା ଯାଇଥିଲା। ଭକ୍ତମାନେ ମାସ୍କ ପିନ୍ଧିବା ସହ ହାତ ସାନିଟାଇଜ କରି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। କେତେକ ଧର୍ମାନୁଷ୍ଠାନରେ କମିଟି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା।

# ଓଏଚ୍‌ଆରସିଙ୍କ ନିର୍ଦ୍ଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

**କଟକ ଅଫିସ, ୭।୧**

**ନିର୍ଦ୍ଦୋଷଙ୍କୁ ଗିରଫ ମାମଲା**

ବରଗଡ ଜିଲା ପାଇକମାଳ ଥାନା ପୋଲିସ ଏକ ହତ୍ୟା ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ ଦୁଇଜଣଙ୍କୁ ବେଆଇନ ଭାବେ ଗିରଫ କରିଥିଲା। ଏହି ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆରସି) ତତ୍କାଳୀନ ପାଇକମାଳ ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣଙ୍କଠାରୁ ୫ ଲକ୍ଷ ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥ ତାଙ୍କ ଦରମାରୁ କଟାଯାଇ ବେଆଇନ ଭାବେ ଗିରଫ ହୋଇଥିବା ଦୁଇଜଣଙ୍କୁ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି କର୍ଣ୍ଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସି.ଆର. ଦାଶ ଏହି ମାମଲାର ଶୁଣାଣି କରି ଓଏଚ୍‌ଆରସି ଦେଇଥିବା ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ଏଥିସହ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ପାଇକମାଳ ଥାନା ଅଧୀନ ଭେଙ୍ଗରାଜପୁରର ଜିତୁ ଡନ୍‌ସନା ଲୁଟ୍‌ର ଶିକାର ହୋଇ ନିଖୋଜ ହୋଇଯାଇଥିଲେ। ଏ ନେଇ ଜିତୁଙ୍କ ବାପା ପାଇକମାଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିବା ପରେ ଜିତୁଙ୍କୁ ଖୋଜି ପାଇବାରେ ବିଫଳ ହୋଇଥିଲା। ଜିତୁଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ବରଗଡର ହଲୁ ଏବଂ ରାଘବଙ୍କୁ ପୋଲିସ ଗିରଫ କରିଥିଲା। କିନ୍ତୁ ଏତଲା ଦିଆଯିବାର ୧୯ ମାସ ପରେ ଜିତୁଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ହଲୁ ଏବଂ ରାଘବଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ତେବେ ଉଭୟଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ନେଇ ଓଏଚ୍‌ଆରସିରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଓଏଚ୍‌ଆରସି ପାଇକମାଳ ଥାନାର ତତ୍କାଳୀନ ଥାନା ଅଧିକାରୀ କର୍ଣ୍ଣଙ୍କଠାରୁ ୫ ଲକ୍ଷ ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଭୂତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଥିଲେ।

# ଆଜିଠୁ ଖୋଲିବ ଧବଳେଶ୍ୱର ମନ୍ଦିର

**ଆଠଗଡ଼,୭।୧(ସ୍ୱ.ପ୍ର.)**

ଆଠଗଡ଼ ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ଶ୍ରୀ ଧବଳେଶ୍ୱର ମନ୍ଦିର ଶୁକ୍ରବାରଠାରୁ ଖୋଲିବ। ଏନେଇ ପ୍ରଶାସନିକସ୍ତରରେ

**ପ୍ରଥମ ଦିନରେ ସେବାୟତଙ୍କ ପରିବାର ପାଇଁ ଅନୁମତି**

ନିଷ୍ପତ୍ତି ହୋଇଛି। ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ସେବାୟତ ଓ ତାଙ୍କ ପରିବାର ସଦସ୍ୟ ମନ୍ଦିରରେ ଜାନୁୟାରୀ ୯ ଓ ୧୦ରେ ନିକଟବର୍ତ୍ତୀ ଗ୍ରାମବାସୀ ଓ ୧୧ରୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମନ୍ଦିରରେ କୋଭିଡ୍ ଗାଇଡ୍‌ଲାଇନ ପାଳନ କରାଯିବ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ମହାନ୍ତି କହିଛନ୍ତି। ୯ ଓ ୧୦ରେ ନିକଟବର୍ତ୍ତୀ ଗ୍ରାମ ମଞ୍ଜେଶ୍ୱର, ପାଇକରାପୁର, ଲିଙ୍ଗାପଦା, ପ୍ରସନ୍ନପୁର, ନୂଆଡିହ, ବିଦ୍ୟାଧରପୁର ଓ ବ୍ରାହ୍ମଣବସ୍ତ, ସୁନିଆମୁହଁ ଓ ଖୋଲ ସାହି ଗ୍ରାମବାସୀ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଥିପାଇଁ ମନ୍ଦିର ପରିସରରେ ସାନିଟାଇଜ୍ ଓ ସ୍କ୍ରିନିଂ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାହୁ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି, ପୂଜକ ସମାଜର ସଭାପତି ବିଷ୍ଣୁଚରଣ ପତ୍ରୀ, ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୀରାମ ଭୂମିକାରେ ସୁର ରାଉତରାୟ

- ଏବେ ଫିଲ୍ମ ସୁଟିଂରେ ବ୍ୟସ୍ତ
- ଅଭିନୟ ସୁଯୋଗ ମିଳିଛି, ବହୁତ ଖୁସି

**ଖୋର୍ଦ୍ଧା ଅଫିସ, ୭।୧**



ରାଜ୍ୟର ଜଣାଶୁଣା ବ୍ୟକ୍ତିତ୍ୱ ହେଉଛନ୍ତି ଜଟଣୀ ବିଧାୟକ ସୁରେଶ ରାଉତରାୟ। ସର୍ବଦା ନିଜର ସ୍ୱତନ୍ତ୍ର ଶୈଳୀ ଓ ରୋକଠୋକ୍ କଥାବାର୍ତ୍ତା ପାଇଁ ସେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ଗୀତ ଗାଇ ସେ ଚର୍ଚ୍ଚାକୁ ଆସିଥିଲେ। ଖୁବ୍‌ଶୀଘ୍ର ଅଭିନେତା ଭାବେ ସେ ଫିଲ୍ମ ପରଦାରେ ନଜର ଆସିବେ। ଗୁରୁବାର ଖୋର୍ଦ୍ଧା ବରୁଣେଇ ପାଦଦେଶରେ ଏକ ଫିଲ୍ମ ସୁଟିଂ ଚାଲିଥିବାବେଳେ ରାଉତରାୟ ଶ୍ରୀରାମ ଭୂମିକାରେ ଅଭିନୟ କରୁଥିବା ଦେଖିବାକୁ ମିଳିଥିଲା।

ସେ ଶ୍ରୀରାମ ବେଶରେ ସଜ୍ଜିତ ହୋଇଥିଲେ। ମୁଣ୍ଡରେ ମୁକୁଟ, ହାତରେ ଧନୁତୀର, ଦେହରେ ପୀତାମ୍ବର ବସ୍ତ୍ର ସହିତ ନାନା ସ୍ୱର୍ଣ୍ଣ ଅଳଙ୍କାର ରହିଥିଲା। ଏ ସମ୍ପର୍କରେ ରାଉତରାୟ କହିଛନ୍ତି, ପିଲାଦିନୁ ଟିଭିରେ ରାମାୟଣ ଦେଖି ଆସିଛି। ଶ୍ରୀରାମଙ୍କ ଆଦର୍ଶ ଜୀବନଶୈଳୀ, ସୁଶାସନ, ରାମରାଜ୍ୟ ମୋ' ଜୀବନରେ ଗଭୀର ରେଖାପାତ କରିଛି। ଓଡ଼ିଶାରେ ରାମରାଜ୍ୟର ପ୍ରତିଷ୍ଠା, ନିଶା ନିବାରଣ ଲାଗି ଏହି ଭୂମିକା ଧାରଣ କରିଛି। ସେହିପରି ଆୟୋଜକ ସଂସ୍ଥାର ନିର୍ଦ୍ଦେଶକ କହିଛନ୍ତି, ଏହି ଚରିତ୍ର ଲାଗି ବିଭିନ୍ନ ଆଡୁ ତର୍ଜମା ପରେ ଶେଷରେ ସୁରଭାଇଙ୍କୁ ନେବା ଲାଗି ସ୍ଥିର କରିଥିଲୁ। ରାଜ୍ୟରେ ତାଙ୍କର ଲୋକପ୍ରିୟତା ରହିଛି। ତାଙ୍କ କଥାକୁ ଅନ୍ୟମାନେ ଗୁରୁତ୍ୱର ସହ ଶୁଣନ୍ତି। ତେଣୁ ଆମେ ତାଙ୍କୁ ଏଥିଲାଗି ମନୋନୀତ କଲୁ। ଅନ୍ୟପକ୍ଷରେ ସୁରବାବୁଙ୍କ ଅଭିନୟ ଦେଖିବା ପାଇଁ ତାଙ୍କ ସମର୍ଥକମାନେ ବରୁଣେଇରେ ଭିଡ଼ ଲଗାଇଥିଲେ।

# ସୁନାଚେନ୍ ଲୁଟେରା ଗ୍ୟାଙ୍ଗ୍ ଠାବ, ୪ ଗିରଫ

**ସୁନାଚେନ୍, ଟଙ୍କା, ବାଇକ୍ ଜବତ**

**କଟକ ଅଫିସ, ୭।୧**



ଜବତ ଟଙ୍କା, ଅଳଙ୍କାର ଓ ଗିରଫ ଅଭିଯୁକ୍ତ।

ଲାଲବାଗ ଥାନା ପୋଲିସ ଗୁରୁବାର ଏକ ସୁନାଚେନ ଲୁଟେରା ଗ୍ୟାଙ୍ଗ୍‌କୁ ଠାବ କରିଛି। ଏହି ଘଟଣାରେ ଗ୍ୟାଙ୍ଗର ମୁଖ୍ୟଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କଟକ ବିଡାନାସୀ ଅଞ୍ଚଳର ପ୍ରିୟରଞ୍ଜନ ପାତ୍ର, ସଦର ଥାନା ଅଞ୍ଚଳର ମୁନା ବେହେରା, ଖଣ୍ଡଗିରି ଥାନା ଅଞ୍ଚଳର ଜ୍ୟୋତି ଜେନା ଓ କାଫ୍‌ଲାବଜାର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା। ସେମାନଙ୍କଠାରୁ ୧୭ ଗ୍ରାମର ସୁନାଚେନ,୧୩ହଜାର ଟଙ୍କା, ଗୋଟିଏ ବାଇକ୍ ଓ ସ୍କୁଟର ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, କଟକ ଦିୱାନବଜାର ଅଞ୍ଚଳର ଜଣେ ମହିଳା ଗତ ୨ ତାରିଖରେ ମଙ୍ଗଳାବାଗ ଅଞ୍ଚଳରୁ ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ବେକରୁ ଚେନ୍ ଛିଣ୍ଡାଇନେଇ ଫେରାର ହୋଇଯାଇଥିଲେ। ଏ ନେଇ ମହିଳା ଜଣକ ଲାଲବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏହି ଗ୍ୟାଙ୍ଗ ଲୋକମାନଙ୍କଠାରୁ ସୁନାଚେନ ଛିନ୍‌ତାଇ କରୁଥିଲେ। ସହରରେ ସୁନା ରଖି ଋଣ ପ୍ରଦାନ କରୁଥିବା ସଂସ୍ଥାଗୁଡିକରେ ଉକ୍ତ ଜିନିଷ ବନ୍ଧକ ରଖି ଟଙ୍କା ଆଣୁଥିଲେ। ଅଭିଯୋଗକାରିଣୀଙ୍କର ସୁନାଚେନକୁ ମଧ୍ୟ ଅଭିଯୁକ୍ତମାନେ ସତୀଚଉରାସ୍ଥିତ ମୁଥୁଟ୍ ଫାଇନାନ୍ସରେ ବନ୍ଧକ ରଖି ୫୦ହଜାର ଟଙ୍କା ଆଣିଥିଲେ। ପୋଲିସ ମୁଥୁଟ ଫାଇନାନ୍ସରୁ ଚୋରି ସୁନାଚେନକୁ ଜବତ କରିବା ସହ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପ୍ରିୟରଞ୍ଜନଙ୍କ ନାମରେ ପୁରୀଘାଟ, ଲାଲବାଗ, କ୍ୟାଣ୍ଟନମେଣ୍ଟ, ଦରଘାବଜାର, ମଙ୍ଗଳାବାଗ ଥାନାରେ ମାମଲା ରହିଥିବାବେଳେ ମୁନା ନାମରେ ମର୍କତନଗର ଥାନାରେ ୨ଟି ମାମଲା ରହିଥିବା ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

# ୫୭ ଦିନ ବିତିଲା, ବିଡିଓଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲାନି

**କଟକ ସଦର,୭।୧(ଡି.ଏନ୍.ଏ.)**

**ଫନୀ ପ୍ରାକ୍ ଆକଳନ ଫାଇଲ ଗାଏବ ଘଟଣା**

୨୦୧୯ ଫନୀ କ୍ଷୟକ୍ଷତିର ପ୍ରାକ୍ ଆକଳନ ଫାଇଲଗୁଡିକ କଟକ ସଦର ବ୍ଲକ କାର୍ଯ୍ୟାଳୟରୁ ଗାଏବ ହୋଇଯାଇଛି। ଏ ସମ୍ପର୍କରେ ଜାଣିବା ପାଇଁ ଜଣେ ସୂଚନା ଅଧିକାର କର୍ମୀ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ବିଡିଓ ରାଜୀବ ଲୋଚନ ପରିଡା ସମ୍ପୃକ୍ତ ସୂଚନା ଅଧିକାର କର୍ମୀଙ୍କୁ ସମସ୍ତ ତଥ୍ୟ ଯୋଗାଇ ଦେବା ପାଇଁ ଗତବର୍ଷ ନଭେମ୍ବର ୧୧ରେ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ଅପିଲ୍‌ର ୪୫ ଦିନ ମଧ୍ୟରେ ସମ୍ପୃକ୍ତ ଜନସୂଚନା ଅଧିକାରୀ ସୂଚନା ଅଧିକାର କର୍ମୀଙ୍କୁ ତଥ୍ୟ ଯୋଗାଇ ଦେବା ପାଇଁ ସରକାରୀ ନିୟମ ରହିଛି। ହେଲେ ଇତିମଧ୍ୟରେ ୫୭ ଦିନ ବିତିଯାଇଥିଲେ ସୁଦ୍ଧା କର୍ମଚାରୀମାନେ ବିଡିଓଙ୍କ ଆଦେଶ ପାଳନ କରିନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ପଞ୍ଚାୟତ ଅଫିସ ଗୃହ ମରାମତି ପାଇଁ ସରକାର ୧ କୋଟି ୬ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିରେ ୫୩ଟି ପ୍ରକଳ୍ପ ମରାମତି ହେବାର ଅଛି। ପ୍ରତ୍ୟେକ ପ୍ରକଳ୍ପ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଛି। ତେଣୁ ବାତ୍ୟାରେ କ'ଣ କ୍ଷୟକ୍ଷତି ହୋଇଥିଲା ତା'ର ବିବରଣୀ ପ୍ରାକ୍ ଆକଳନ ଫାଇଲରେ ଥିଲା। ଇତିମଧ୍ୟରେ ୮୦ ଲକ୍ଷ ଟଙ୍କାର କାମ ସରିଛି। ହେଲେ ଫାଇଲ ଗାଏବ ହୋଇଯାଇଥିବାରୁ ଯନ୍ତ୍ରୀମାନେ କିପରି ବିଲ୍ କରୁଛନ୍ତି, ତାହାର ସୂଚନା ପାଇବା ପାଇଁ ୨୦୨୦ ମେ'ରେ ସୂଚନା ଅଧିକାର କର୍ମୀ ଜଣକ ଆବେଦନ କରିଥିଲେ। ସମସ୍ୟା ସମ୍ପର୍କରେ ବିଡିଓ ପରିଡା କୁହନ୍ତି, ନିର୍ଦ୍ଦେଶ କାର୍ଯ୍ୟକାରୀ ବିଳମ୍ବ ଉପରେ ଅନୁଧ୍ୟାନ କରିବି।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

**metroselfie@gmail.com**



@ ବିକ୍ରମ



@ ଅମିଷା



@ ନିମେଶ



@ ରାଜେନ୍ଦ୍ର



@ ସାଗର



@ ଶ୍ରୀତମ



@ ଚିନ୍ମୟ



@ ଆୟୁଷ୍ମାନ

**ସଂକ୍ଷେପରେ**

## ଜେଲଗଲେ ଠିକାଦାର, ୪ ଫେରାର

**ସରକାରୀ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ**

**ଭୁବନେଶ୍ୱର,୭ା୧(ବ୍ୟୁରୋ):** ସରକାରୀ କର୍ମଚାରୀଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୁରୁବାର ଶହୀଦନଗର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୋରଡକଣ୍ଟା ବେହେରାସାହିର ବିଷ୍ଣୁ ବେହେରା(୫୦)। ସେ ଠିକାଦାର ଭାବେ କାର୍ଯ୍ୟ କରନ୍ତି। ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ଜଣ ଫେରାର ଥିବାରୁ ସେମାନଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଥିବା କହିଛି। ଆକ୍ରମଣର ଶିକାର ସରକାରୀ କର୍ମଚାରୀ ଜଣକ ହେଲେ ପ୍ରଶାନ୍ତ ବେହେରା(୨୮)। ସେ କୋରଡକଣ୍ଟା ବେହେରା ସାହିରେ ରୁହନ୍ତି। ଡିସେମ୍ବର ୨ରେ ସେ ଅଫିସ୍ ଯାଉଥିଲେ। ଠିକାଦାର ବିଷ୍ଣୁ ରାସ୍ତାରେ ବାଲି, ମାଟି ଗଦା କରି ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବାରୁ ପ୍ରଶାନ୍ତ ଏନେଇ କହିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବିଷ୍ଣୁ ଓ ୪ ସହଯୋଗୀ ପ୍ରଶାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ନିକଟରେ ପଡିଥିବା ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ପ୍ରଶାନ୍ତଙ୍କ ଅଭିଯୋଗକ୍ରମେ ଶହୀଦନଗର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା।

## ଯୁବ ବିକାଶ ପରିଷଦର ସ୍ୱଚ୍ଛତା କାର୍ଯ୍ୟକ୍ରମ

**ନିମାପଡ଼ା, ୭ା୧(ଡି.ଏନ୍.ଏ.):** ନିମାପଡ଼ାର ଯୁବ ବିକାଶ ପରିଷଦ ପକ୍ଷରୁ ଗୁରୁବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବେଶ ସୁରକ୍ଷା, ସ୍ୱଚ୍ଛତା, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ, ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ପରିଷଦ କର୍ମକର୍ତ୍ତାମାନେ ନିମାପଡ଼ା ସହରରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟିଥିଲେ। ପାଟପୁର ମଲ୍ଲିକସାହିର ଲକ୍ଷ୍ମୀଧର ମଲ୍ଲିକଙ୍କୁ ପରିଷଦ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରିଷଦର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଆଇ.ତ୍ରିନାଥ ପାତ୍ର, ନିମାପଡ଼ା ବିକାଶ ସଂଘର ସଭାପତି ଜୀବନାନନ୍ଦ ମହାପାତ୍ର, ଚନ୍ଦ୍ରକାନ୍ତ ବରାଳ, ନିରଞ୍ଜନ ସାହୁ, ଶାନ୍ତନୁ ନନ୍ଦ, ବିକାଶ ବାରିକ, ବ୍ରହ୍ମାନନ୍ଦ ସାହୁ, ବିଜୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭୁଦେନ୍ଦୁ ଜାତୀୟସ୍ତରୀୟ ଭଲିବଲ ରେଫରି

**କୃଷ୍ଣପ୍ରସାଦ, ୭ା୧(ଡି.ଏନ୍.ଏ.):** ନିକଟରେ ଅନୁଷ୍ଠିତ ହୋଇଥିବା ଜାତୀୟସ୍ତରୀୟ ଭଲିବଲ ରେଫରି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ୨୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସାନଅଁଳ ଗ୍ରାମର ବିଭୁଦେନ୍ଦୁ ମାନସିଂହ କୃତକାର୍ଯ୍ୟ ହୋଇ ପାରିକୁଦ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଖୋର୍ଦ୍ଧା ଜିଲା ଗ୍ରାମୀଣ ମହିଳା ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଭାବେ ବିଭୁଦେନ୍ଦୁ କାର୍ଯ୍ୟ କରୁଥିଲେ। ତେବେ ଏହି ସଫଳତା ପାଇଁ ଏମ୍‌ପି ତଥା ଭାରତୀୟ ଭଲିବଲ ସଂଘ ସଭାପତି ଡ.ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ଭଲିବଲ୍ ଆସୋସିଏଶନ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ପାଇବା ପରେ ବିଭୁଦେନ୍ଦୁଙ୍କୁ ବିଭିନ୍ନ ଅଞ୍ଚଳରୁ ପ୍ରଶଂସାର ବାର୍ତ୍ତା ପହଞ୍ଚିବାରେ ଲାଗିଛି।

## ଶିକ୍ଷାବିତ୍‌ଙ୍କ ପରଲୋକ

**ବୋଲଗଡ଼,୭ା୧(ଡି.ଏନ୍.ଏ.):** ବୋଲଗଡ଼ ଗ୍ରାମର ଅବସରପ୍ରାପ୍ତ ପ୍ରାଧାପକ ପତିତପାବନ ସୁବୁଦ୍ଧିଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୦ବର୍ଷ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଗତ ଜୁନ ମାସରେ ଇଂଲିଶ ବିଭାଗର ପ୍ରାଧାପକ ଭାବେ ରାଜସୁନାଖଳା ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ହରିପୁରପାଟଣା ଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ତାଙ୍କ ବଡ଼ ଝିଅ ମୁଖାଗ୍ନି ଦେଇଥିଲେ।

# ସ୍କୁଲ ବୁଲି ସ୍ଥିତି ଅନୁଧ୍ୟାନ କଲେ ଡିଇଓ

**ଖୋର୍ଦ୍ଧା ଅଫିସ, ୭ା୧**

**ଆଜିଠୁ ଦଶମଶ୍ରେଣୀ ପାଠପଢ଼ା**
- ମାସ୍କ, ପାଣିବୋତଲ, ଟିଫିନ ଅଦଳବଦଳ ମନା
- ଶ୍ରେଣୀରେ ୨ଫୁଟ୍ ଦୂରରେ ବସିବେ ପିଲା

କରୋନା ମହାମାରୀ ଯୋଗୁ ଦୀର୍ଘ ୯ମାସ ଧରି ବିଦ୍ୟାଳୟ ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାରଠାରୁ ହାଇସ୍କୁଲଗୁଡ଼ିକ ଖୋଲିବ। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀର ପାଠପଢ଼ା ଆରମ୍ଭ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟର (ଏସ୍‌ଓପି) ଜାରି ହୋଇଛି। ଖୋର୍ଦ୍ଧା ଜିଲାରେ ଏଥିଲାଗି ପ୍ରସ୍ତୁତି ସରିଛି। ଗୁରୁବାର ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ (ଡିଇଓ) ବନ୍ଦନା ମହାପାତ୍ର ବିଭିନ୍ନ ବିଦ୍ୟାଳୟ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭୁବନେଶ୍ୱର ସମେତ ଜିଲାର ୨୯୧ ହାଇସ୍କୁଲରେ ପାଠପଢ଼ା ହେବ ବୋଲି ଡିଇଓ କହିଛନ୍ତି। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୨୨୦୫୫ ଏବଂ ଘରୋଇ ସ୍କୁଲର ୭୮୫୬ ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୨୯୯୧୧ ଜଣଙ୍କୁ ଶିକ୍ଷାଦାନ କରାଯିବ।

ଓପେପା ନିର୍ଦ୍ଦେଶକ ଭି.ପୁନିଆ ବୁଧବାର ଜିଲା ପ୍ରଶାସନ ସମେତ ବିଇଓ, ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ଭର୍ଚୁଆଲରେ ଆଲୋଚନା କରିଥିଲେ। କୋଭିଡ୍ ଗାଇଡ୍‌ଲାଇନ ମାନି ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ହାଇସ୍କୁଲଗୁଡ଼ିକୁ ବିଶୋଧନ କରାଯାଇଛି। ଖୋର୍ଦ୍ଧା ଡିଇଓ କହିଛନ୍ତି, ବିନା ମାସ୍କରେ ବିଦ୍ୟାର୍ଥୀଙ୍କୁ ସ୍କୁଲରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ପ୍ରତି କୋଠରିରେ ୨୦ରୁ ୨୫ ଛାତ୍ରୀଛାତ୍ର ବସିବେ। ନିଜ ମାସ୍କ, ପାଣିବୋତଲ, ଟିଫିନ ବାକ୍ସ ଅଦଳବଦଳ କରିବେ ନାହିଁ। ପିଲାଙ୍କ ସମାଗମ ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଦୃଷ୍ଟି ଦେବେ। ଖାଇବାବେଳେ ପ୍ରତ୍ୟେକଙ୍କଠାରୁ ୨ରୁ ୪ଫୁଟ ଦୂରତା ରଖିବେ। ଭିତ୍ତିଭୂମିର ବିକାଶ, ସାନିଟାଇଜ, ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା କରାଯିବ। ଶିକ୍ଷାଦାନ ସୁପରିଚାଳନା ଲାଗି ପଞ୍ଚାୟତଠାରୁ ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ନିଜ ଅଞ୍ଚଳର ହାଇସ୍କୁଲ ବୁଲି ସ୍ଥିତି ଅନୁଧ୍ୟାନ କରିବେ। ଯେପରି କୌଣସି ସମସ୍ୟା ସୃଷ୍ଟି ନ ହେବ ସେଥିଲାଗି ସମସ୍ତଙ୍କ ସହ ପର୍ଯ୍ୟାୟ କ୍ରମେ ଆଲୋଚନା ସରିଛି।


ଡିଇଓ ବନ୍ଦନା ମହାପାତ୍ର ବିଦ୍ୟାଳୟ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଜିଆରଏସ୍‌ଙ୍କ ବଦଳି ବାତିଲ ଦାବିରେ ବ୍ଲକ ଅଫିସ ଘେରାଉ


ଅସରକାଦଳ ପଞ୍ଚାୟତର ଶତାଧିକ ଲୋକ ବ୍ଲକ ଅଫିସ ଆଗରେ ଧାରଣା ଦେଇଛନ୍ତି।

**ବୋଲଗଡ଼,୭ା୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅସରକାଦଳ ପଞ୍ଚାୟତରେ ଅବସ୍ଥାପିତ ଗ୍ରାମ ରୋଜଗାର ସେବକ(ଜିଆରଏସ) ଯଶୋଦା ଦେଈଙ୍କ ବଦଳି ବାତିଲ ଦାବିରେ ଗୁରୁବାର ଶତାଧିକ ପଞ୍ଚାୟତବାସୀ ବ୍ଲକ ଅଫିସ ଘେରାଉ କରିଥିଲେ। ଜିଆରଏସ ଯଶୋଦା ସ୍ଥାନୀୟ ଅଞ୍ଚଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଏଥିସହ କରୋନା ମହାମାରୀ ସମୟରେ ପଞ୍ଚାୟତବାସୀଙ୍କୁ ସ୍ୱାବଲମ୍ବି କରାଇବା ନେଇ ବହୁ କାର୍ଯ୍ୟ କରିଥିଲେ। ସମିତିସଭ୍ୟ ଉପନିର୍ବାଚନ ପରେ ରାଜନୈତିକ ଉଦ୍ଦେଶ୍ୟରେ ଜିଆରଏସ୍‌ଙ୍କୁ ବଦଳି କରାଯାଇଛି। ତୁରନ୍ତ ବଦଳିକୁ ବାତିଲ କରାଯାଇ ପୁନଃ ଅବସ୍ଥାପିତ କରିବା ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ। ଏହି ଅବସରରେ ବିଡିଓ ଧୋବେଇ ନାୟକଙ୍କୁ ଏକ ନିବେଦନ ପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ତିନି ଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି ବିଡିଓ ନାୟକ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସରପଞ୍ଚ ଫକୀରଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏହିଘେରାଉ କରାଯାଇଥିଲା।

# ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**ଡେଲାଙ୍ଗ, ୭ା୧(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ମୋଟରି ପଞ୍ଚାୟତର ଉଗ୍ରେଶ୍ୱର ଦେବଙ୍କ ପୀଠରେ ଗୁରୁବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରବୀନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୁରୀ ଜିଲା ପ୍ରଭାରୀ ବିଜୟଲକ୍ଷ୍ମୀ ସାହୁ, ଅଜିତ ମଙ୍ଗରାଜ, ବିଶ୍ୱରଞ୍ଜନ ଦାଶ, ନିରୁପମା ପାତ୍ର, କାଞ୍ଚନବାଳା ବେହେରା, ଗୋଲାପ ମହାପାତ୍ର, ବିଶ୍ୱରଞ୍ଜନ ବଳବନ୍ତରାୟ, ବିପିନ ବଳବନ୍ତରାୟ, ନିର୍ମଳ ପରିଡା ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ଦଳକୁ କିପରି ସୁଦୃଢ଼ କରାଯାଇପାରିବ ସେ ନେଇ ଆଲୋକପାତ କରିଥିଲେ।

ଏହି ଅବସରରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଘନିପୁର ସରପଞ୍ଚ ଲକ୍ଷ୍ମୀଧର ବେହେରା, ସମିତିସଭ୍ୟା କାଞ୍ଚନବାଳା ବେହେରା, ଏନ୍‌ସିପି ଜିଲା ସଭାପତି ପ୍ରକାଶ ପ୍ରଧାନ ପ୍ରମୁଖ କଂଗ୍ରେସରେ ମିଶିଥିଲେ। କର୍ମୀ ସମ୍ମିଳନୀରେ ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ରବୀନ୍ଦ୍ର ଦାସଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। କର୍ମୀମାନଙ୍କୁ ନେଇ ପ୍ରତି ୱାର୍ଡରୁ ପଞ୍ଚାୟତସ୍ତରୀୟ ପର୍ଯ୍ୟନ୍ତ କମିଟି ଗଠନ କରି ଦଳକୁ ସୁଦୃଢ଼ କରିବା ପାଇଁ ଦାସ ପ୍ରତିଶ୍ରୁତି ଦେଇଥିଲେ।

# ବ୍ଲୁ ରକ୍‌ଷ୍ଟାର ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୭ା୧**

ଗୁରୁଜଙ୍ଗ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଗୁରୁଜଙ୍ଗ ଖେଳପଡିଆରେ ୮ଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଗୁରୁଜଙ୍ଗ ଟିମକୁ ୪୭ରନରେ ହରାଇ ଯାଁଳାର ବ୍ଲୁ ରକ୍‌ଷ୍ଟାର ଟିମ୍ ଚାମ୍ପିୟନ ହୋଇଛି। ଯାଁଳା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୬୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୮୪ ରନ ଓ ସୀତାକାନ୍ତ ପଟ୍ଟନାୟକ ୪୩ରନ ସଂଗ୍ରହ କରିଥିଲେ। ଜବାବରେ ଗୁରୁଜଙ୍ଗ ଟିମ୍ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବ୍ଲୁ ରକ୍‌ଷ୍ଟାର ଟିମର ଅଭିମନ୍ୟୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅଫ ଟିମକୁ ୬ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ରବିନାରାୟଣ ପରିଡ଼ା ଓ ସନ୍ଦୀପ ମହାନ୍ତି ପରିଚାଳନା କରିଥିବା ବେଳେ, ସ୍କୋରରେ ପ୍ରଶାନ୍ତ ପଟ୍ଟଯୋଶୀ ସହଯୋଗ କରିଥିଲେ।


ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ସେମିନାର କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୭ା୧(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଚାରିଛକଠାରେ ଗୁରୁବାର ଗ୍ରାଉଣ୍ଡ କମନ୍ ପିପୁଲ୍ ଫାଉଣ୍ଡେଶନ ପକ୍ଷରୁ ସେମିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଡିଓ ଅଭିମନ୍ୟୁ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ତହସିଲଦାର ଉଲ୍ଲାସ କୁମାର ସେଠୀ ଓ ମଖ୍ୟ ବକ୍ତାଭାବେ ଅଭିମନ୍ୟୁ ନାୟକ ଯୋଗଦେଇ ଗ୍ରାଉଣ୍ଡ ପିପୁଲ ଫାଉଣ୍ଡେଶନ ପକ୍ଷରୁ ସାମାଜିକ ଉନ୍ନତିମୂଳକ ସେବାରେ ଲୋକଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଏହି ଅବସରରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୋପାଳକୃଷ୍ଣ ଜେନା, ଅମ୍ବରିସ୍ ମିଶ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ବିଷ୍ଣୁ ପ୍ରସାଦ ବେହେରା, ଯୋଗେନ୍ଦ୍ର ନାଥ ପଲେଇ, ଆରତି ବେହେରା, ଦମୟନ୍ତୀ ଜେନା, ଡଲି ପ୍ରଧାନ, ସଂଯୁକ୍ତା ବଡପଣ୍ଡା, ଲିଟିନା ତରେଇ, ଶାନ୍ତିଲତା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରୁ ହଟିଲା ବେଆଇନ ହୋର୍ଡିଂ, ବ୍ୟାନର

**ଜଟଣୀ,୭ା୧(ଡି.ଏନ୍.ଏ.)**

ଜଟଣୀ ପୌର ପ୍ରଶାସନ ପକ୍ଷରୁ ଗୁରୁବାର ମୁଖ୍ୟ ରାସ୍ତାର ଡିଭାଇଡର ଇଲେକ୍ଟ୍ରି ଖୁଣ୍ଟିରେ ବେଆଇନ ଭାବେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନର ବ୍ୟାନର, ହୋର୍ଡିଂ ଏବଂ ପୋଷ୍ଟରକୁ ଉଚ୍ଛେଦ କରାଯାଇଛି। ସୂଚନାଥାଉ କି, ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନ ନିଜର ପ୍ରଚାର ଏବଂ ପ୍ରସାର ନିମନ୍ତେ ଉକ୍ତ ହୋର୍ଡିଂଗୁଡ଼ିକୁ ଲଗାଇଥିଲେ। ଡିଭାଇଡରରେ ବ୍ୟାନର, ପୋଷ୍ଟର ଲାଗିବା ଯୋଗୁ ମୁଖ୍ୟ ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଗାଡିଚାଳକ ଏବଂ ପଥଚାରୀ କୌଣସି ଦୁର୍ଘଟଣାର ଆଶଙ୍କାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ମଣ୍ଡି ଖୋଲିବା ବିଳମ୍ବ ନେଇ ଅସନ୍ତୋଷ

**ବଲଙ୍ଗା, ୭ା୧(ଡି.ଏନ୍.ଏ.)**

ଚଳିତବର୍ଷ ଖରିଫ ଧାନମଣ୍ଡି ଗତ ଡିସେମ୍ବର ୨୮ରୁ ଖୋଲାଯିବା ନେଇ ନିର୍ଦ୍ଦେଶ ରହିଥିଲା। ପଞ୍ଜୀକୃତ ଚାଷୀଙ୍କୁ ଯୋଗାଣ ବିଭାଗ ପକ୍ଷରୁ ଏସ୍‌ଏମ୍‌ଏସ୍ ଦ୍ୱାରା ଟୋକନ ନମ୍ବର, ଧାନର ପରିମାଣ, ତାରିଖ, ସମୟ ଜଣାଇ ଦିଆଯାଉଛି। ନିର୍ଦ୍ଧାରିତ ସମୟ ଅତିକ୍ରମ ହୋଇଥିଲେ ମଧ ବଲଙ୍ଗା ସେବା ସମବାୟ ସମିତିରେ ମଣ୍ଡି ଖୋଲିବାରେ ବିଳମ୍ବ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଜିଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶ ଆସି ନ ଥିବାରୁ ମଣ୍ଡି ଖୋଲାଯାଇ ପାରିନାହିଁ ବୋଲି ସମିତି ସମ୍ପାଦକ ସୌଦାମିନୀ ପ୍ରଧାନ କହିଛନ୍ତି।

# ଶ୍ରୀରାମ ଭୂମିକାରେ ସୁର ରାଉତରାୟ



**ଖୋର୍ଦ୍ଧା ଅଫିସ, ୭ା୧**

- ଏବେ ଫିଲ୍ମ ଶୁଟିଂରେ ବ୍ୟସ୍ତ
- ଅଭିନୟ ସୁଯୋଗ ମିଳିଛି, ବହୁତ ଖୁସି

ରାଜ୍ୟର ଏକ ଜଣାଶୁଣା ବ୍ୟକ୍ତିତ୍ୱ ହେଉଛନ୍ତି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ। ସର୍ବଦା ନିଜର ସ୍ୱତନ୍ତ୍ର ଶୈଳୀ ଓ ରୋକଠୋକ୍ କଥାବାର୍ତ୍ତା ପାଇଁ ସେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ଗୀତ ଗାଇ ସେ ଚର୍ଚ୍ଚାକୁ ଆସିଥିଲେ। ଖୁବ୍‌ଶୀଘ୍ର ଅଭିନେତା ଭାବେ ସେ ଫିଲ୍ମ ପରଦାରେ ନଜର ଆସିବେ। ଗୁରୁବାର ଖୋର୍ଦ୍ଧା ବରୁଣେଇ ପାଦଦେଶରେ ଏକ ଫିଲ୍ମ ଶୁଟିଂ ଚାଲିଥିବାବେଳେ ବିଧାୟକ ରାଉତରାୟ ପ୍ରଭୁ ଶ୍ରୀରାମ ଭୂମିକାରେ ଅଭିନୟ କରୁଥିବା ଦେଖିବାକୁ ମିଳିଛି।

ଶୁଟିଂ ସେଟ୍‌ରେ ସେ ଶ୍ରୀରାମ ବେଶରେ ସଜ୍ଜିତ ହୋଇ ଅଭିନୟ କରୁଥିଲେ। ମୁଣ୍ଡରେ ମୁକୁଟ, ହାତରେ ଧନୁତୀର, ଦେହରେ ପୀତ ବସ୍ତ୍ର ସହିତ ନାନା ଅଳଙ୍କାର ରହିଥିଲା। ଏ ସମ୍ପର୍କରେ ରାଉତରାୟ କହିଛନ୍ତି, ପିଲାଦିନୁ ଟିଭିରେ ରାମାୟଣ ଦେଖି ଆସିଛି। ଶ୍ରୀରାମଙ୍କ ଆଦର୍ଶ ଜୀବନଶୈଳୀ, ସୁଶାସନ, ରାମରାଜ୍ୟ ମୋ' ଜୀବନରେ ଗଭୀର ରେଖାପାତ କରିଛି। ଓଡ଼ିଶାରେ ରାମରାଜ୍ୟର ପ୍ରତିଷ୍ଠା, ନିଶା ନିବାରଣ ଲାଗି ଏହି ଭୂମିକା ଧାରଣ କରିଛି। ସେହିପରି ଆୟୋଜକ ସଂସ୍ଥାର ନିର୍ଦ୍ଦେଶକ କହିଛନ୍ତି, ଏହି ଚରିତ୍ର ଲାଗି ବିଭିନ୍ନ ଆଡୁ ତର୍ଜମା ପରେ ଶେଷରେ ସୁରଭାଇଙ୍କୁ ନେବା ଲାଗି ସ୍ଥିର କରିଥିଲୁ। ରାଜ୍ୟରେ ତାଙ୍କର ଲୋକପ୍ରିୟତା ରହିଛି। ତାଙ୍କ କଥାକୁ ଅନ୍ୟମାନେ ଗୁରୁତ୍ୱର ସହ ଶୁଣନ୍ତି। ତେଣୁ ଆମେ ତାଙ୍କୁ ଏଥିଲାଗି ମନୋନୀତ କଲୁ। ଅନ୍ୟପକ୍ଷରେ ସୁରବାବୁଙ୍କ ଅଭିନୟ ଦେଖିବା ପାଇଁ ତାଙ୍କ ସମର୍ଥକମାନେ ବରୁଣେଇରେ ଭିଡ଼ ଲଗାଇଥିଲେ।

# ନଳବଣରୁ ୬ ବିଦେଶୀ ପକ୍ଷୀଙ୍କ ସ୍ୱାବ୍ ସଂଗ୍ରହ


ନଳବଣରେ ପକ୍ଷୀଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।

**ବାଲୁଗାଁ,୭ା୧(ଡି.ଏନ୍.ଏ.)**

ଚିଲିକାରେ ବିଦେଶୀ ପକ୍ଷୀଙ୍କୁ ବାର୍ଡ଼–ଫ୍ଲୁ ବ୍ୟାପିବା ଆଶଙ୍କା କରି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ତଟାଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ଗୁରୁବାର ପ୍ରାଣୀ ଚିକିତ୍ସା ବିଭାଗ ଓ ବନ୍ୟପ୍ରାଣୀ ବିଭାଗୀୟ କର୍ମଚାରୀ ମିଳିତ ଭାବେ ଚିଲିକା ମଧ୍ୟସ୍ଥ ପକ୍ଷୀ ଅଭୟାରଣ୍ୟ ନଳବଣ ଅଞ୍ଚଳରୁ ୬ଟି ବିଦେଶାଗତ ପକ୍ଷୀ ଗଡ୍‌ୱିଟ୍, ଓଭୋସେଟ୍, ଲାର୍ଜ ଇଗ୍ରେଟ୍, ନର୍ଦନ ପିଣ୍ଟେଲ୍, ଗଡ୍‌ୱାଲ୍ ଓ ନର୍ଦନ ସୋଭଲର୍ ପକ୍ଷୀଙ୍କଠାରୁ ସ୍ୱାବ ତଥା ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରିଛନ୍ତି। ଖୋର୍ଦ୍ଧା ଏବଂ ପୁରୀ ଜିଲା କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଏହି ନମୁନା ସଂଗ୍ରହ କରାଯାଇଥିଲା। ଏଥିସହ ପକ୍ଷୀଙ୍କ ବାସସ୍ଥାନ ଅଞ୍ଚଳରୁ ମଧ୍ୟ ପରିବେଶ ଭିତ୍ତିକ ତଥା ଜଳ, ଦଳ, ପର ଏବଂ ପଙ୍କ ଆଦି ୯ଟି ନମୁନା ସଂଗ୍ରହ କରାଯାଇଛି। କଟକ ଫୁଲନଖରା ସ୍ଥିତ ପ୍ରାଣୀରୋଗ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ଆବଶ୍ୟକ ପଡିଲେ ଭୋପାଳ ସ୍ଥିତ ଆନିମଲ୍ ଡିଜିଜ୍ ରିସର୍ଚ୍ଚ ସେଣ୍ଟରକୁ ପୁନଃ ପରୀକ୍ଷା ପାଇଁ ପଠାଯିବ ବୋଲି ଖୋର୍ଦ୍ଧା ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବେନ୍ଦ୍ର କୁମାର ସୋଲାଙ୍କି କହିଛନ୍ତି। ଅନ୍ୟପଟେ ବାଲୁଗାଁ ତଥା ଚିଲିକା ତଟବର୍ତ୍ତୀ ଅଞ୍ଚଳର ୧୪ଟି କୁକୁଡା ଫାର୍ମରୁ ୨୫୨ ନମୁନା ଏବଂ ୧୬ଟି ପରିବେଶ ଭିତ୍ତିକ ନମୁନା ସଂଗ୍ରହ କରାଯାଇଥିବା ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବାଶିଷ ଦାସ କହିଛନ୍ତି। ପର୍ଯ୍ୟାକ୍ରମେ ପକ୍ଷୀଙ୍କ ସ୍ୱାବ ନମୁନା ସଂଗ୍ରହ ଜାରି ରହିବ ବୋଲି ବାଲୁଗାଁ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ସାଧାରଣତନ୍ତ୍ର ଦିବସ ପାଳନ ନେଇ ବୈଠକ


ବୈଠକରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୭ା୧**

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡିଆରେ ୨୬ତାରିଖ ପୂର୍ବାହ୍ନ ୯ଟା ୧୫ରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବେ। ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସକାଳ ସାଢ଼େ ୭ଟାରେ ପତାକା ଉତ୍ତୋଳନ କରାଯିବ। ପୌରାଞ୍ଚଳରେ ଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସକାଳୁ ମାଲ୍ୟାର୍ପଣ କରାଯିବ। ପ୍ରାତଃରେ ଡାକବାଜି ଯନ୍ତ୍ରରେ ରାମଧୁନ ଗାନ କରାଯିବ। ସରକାରଙ୍କ କୋଭିଡ୍ ନିୟମାନୁଯାୟୀ କାର୍ଯ୍ୟକ୍ରମ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ପରେଡ ପଡିଆକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା, ପାନୀୟ ଜଳ ବ୍ୟବସ୍ଥା, ସାଜସଜା ଉପରେ ଆଲୋଚନା ହୋଇଥିଲା। ଏଥିସହିତ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ନିର୍ମାଣ କରିବା ଏବଂ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଉପଜିଲାପାଳ ଅଶୋକ ବେହୁରିଆ, ସିଡିଏମଓ ଡା. ବିଶ୍ୱରଞ୍ଜନ ପତି, ଏସ୍‌ଡିପିଓ ସୁଶିଲ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶକ୍ତିକାନ୍ତ ରାୟ, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂ, ଖୋର୍ଦ୍ଧା ପୌରନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଦାସ ଶତପଥୀ, ପ୍ରଫେସର ନାରାୟଣ ରାଓ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ବାର ଆସୋସିଏଶନ ସଭାପତି ଶିଶିର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ବୀବରଣୀ ପାଠ ଓ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୮ ଜାନୁୟାରୀ, ୨୦୨୧



## ସଂକ୍ଷେପରେ

### ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ



**ପୁରୀ ଅଫିସ, ୭।୧:** ପୁରୀ ସିଦ୍ଧମହାବୀର ଛକଠାରେ ଦୁଇଜଣ ଯୁବକଙ୍କଠାରୁ ଗୁରୁବାର ଅବକାରୀ ବିଭାଗ ୧୯୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ରଘୁନାଥ ଦାସ ଓ ଶିବ ପ୍ରସାଦ ବେହେରାଙ୍କୁ ଗିରଫ କରାଯାଇଛି। ଉଭୟ ବାଲେଶ୍ୱର ଜିଲା ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ଦୀର୍ଘ ଦିନ ଧରି ସିଦ୍ଧମହାବୀର ଛକରେ ବେପାର କରୁଥିଲେ ବୋଲି ଜଣାପଡ଼ିଛି। ଏମାନଙ୍କ ସଂକ୍ରାନ୍ତରେ ଖବର ପାଇ ଗୁରୁବାର ମୋବାଇଲ୍ ଟିମ୍ ଓ ସଦର ଟିମ୍ ଏକକାଳୀନ ଚଢ଼ାଉ କରିଥିଲେ। ଚଢ଼ାଉରେ ଆଇଆଇସି ବିକାଶ କୁମାର ନାୟକ, ଓଆଇସି ଲକ୍ଷ୍ମୀଧର ପ୍ରଧାନ, ପ୍ରକାଶ କୁମାର ସାହୁ ଓ ଏଏସ୍ଆଇ ଜଗିନ ରାଓ ପ୍ରମୁଖ ସାମିଲ ଥିଲେ।

### କୃଷି ଆଇନ ପ୍ରତ୍ୟାହାର ଦାବିରେ ଧାରଣା, ପଦଯାତ୍ରା

**ପୁରୀ ଅଫିସ/କାକଟପୁର, (ଡି.ଏନ୍.ଏ.) ୭।୧:** ୩ଟି ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ସିପିଆଇ(ଏମ୍) ପକ୍ଷରୁ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୩ କୃଷି ଆଇନର ପ୍ରତ୍ୟାହାର, ସ୍ୱାମୀନାଥନ କମିଶନ ରିପୋର୍ଟ ଆଧାରରେ ଏମ୍ଏସ୍ପି ଘୋଷଣା ଓ ପେଟ୍ରୋଲିୟମ ଦରଦାମ ତୁରନ୍ତ ନିୟନ୍ତ୍ରଣକୁ ଆଣିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ନୂତନ ଆଇନ କୃଷି ଓ କୃଷକଙ୍କ ସ୍ୱାର୍ଥ ବିରୋଧୀ ହୋଇଥିଲେ ମଧ କେନ୍ଦ୍ର ସରକାର ଏହାକୁ ଜବରଦସ୍ତ ଦେଶ ଉପରେ ଲଦି ଦେଇଛନ୍ତି ବୋଲି ସିପିଆଇ (ଏମ୍) ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି। ଏହି ଧାରଣାରେ ଦଳର ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଗୋବିନ୍ଦ ନାୟକ, ମନୋରଞ୍ଜନ ମହାରଣା ଏବଂ ପ୍ରତିମା ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଦିଲ୍ଲୀରେ ଦୀର୍ଘ ୪୩ଦିନ ଧରି କୃଷି ଆଇନ୍ ପ୍ରତ୍ୟାହାର ଦାବି ନେଇ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ଗୁରୁବାର କାକଟପୁର ପାଟପୁରଠାରୁ ଅଖିଳ ଭାରତ କୃଷକ ସଭା ପକ୍ଷରୁ ପଦଯାତ୍ରା କରାଯାଇଥିଲା। ପାଟପୁର, ବାଗିସାହି, ପାଟେଲି ଗାଁ, ଜଳେଶ୍ୱରପଡା, ଶୁକ ପୋଖରୀ, ନରେନ୍ଦ୍ରପୁର ଗ୍ରାମ ଦେଇ କୁଣ୍ଡେଇ ଠାରେ ପହଞ୍ଚିଥିଲା। ଏହା ପରେ କୁଣ୍ଡେଇ ହାଟଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୋନ ସମ୍ପାଦକ ବିପିନ୍ ରାଉତ ସଭାପତିତ୍ୱ କରିଥିଲେ। ସମାବେଶରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ର ସାହୁ, ସନାତନ ପାତ୍ର, ପ୍ରସନ୍ନ ଦାସ ଯୋଗଦେଇ କେନ୍ଦ୍ର ସରକାର ତୁରନ୍ତ କୃଷି ଆଇନ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ବିପିନ୍ ଜେନା, ସୁର ବାରିକ, ପ୍ରଫୁଲ୍ଲ ପରିଡା, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ।

# ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲାପାଳ

**ପୁରୀ ଅଫିସ, ୭।୧**

ନବନିଯୁକ୍ତ ଜିଲାପାଳ ସମର୍ଥ ବର୍ମା ଗୁରୁବାର ପୁରୀ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସେ ପ୍ରକଳ୍ପସ୍ଥଳରେ ପହଞ୍ଚି କାର୍ଯ୍ୟ ବୁଲି ଦେଖିବା ସହ ଅଗ୍ରଗତି ସମ୍ପର୍କରେ ତଥ୍ୟ ହାସଲ କରିଥିଲେ। ଏହି ସମୟରେ ତାଙ୍କ ସହ ବିଦାୟୀ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଏବଂ ଫିଡ୍ ବ୍ୟାକ୍ ଫାଉଣ୍ଡେଶନର ଜ୍ୟୋତିପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ। ୟୁଥ୍ ହଷ୍ଟେଲ୍, ତାଳବଣିଆଠାରେ ନିର୍ମାଣାଧୀନ ମାଛ ଓ ପରିବା ମାର୍କେଟ, ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ବଳିଆପଣ୍ଡାରେ ନିର୍ମାଣାଧୀନ ପାର୍କର ସ୍ଥିତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ସହରରେ ଆବର୍ଜନା ସଂଗ୍ରହ ଓ ପୃଥକୀକରଣ ବ୍ୟବସ୍ଥା ପାଇଁ ପେଣ୍ଠକଟା, ତାଳବଣିଆ, ମଶାଣିଚଣ୍ଡୀ, ବଳିଆପଣ୍ଡା, ଧୋବାଖାଲରେ ଥିବା ମାଟେରିଆଲ ରିକଭରି ଫାସିଲିଟି ଏବଂ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ଜିଲାପାଳ ବର୍ମା ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଥିବା ସ୍ୱଚ୍ଛ ସାଥୀ କର୍ମୀ ଓ ସୁପରଭାଇଜରଙ୍କ ସହ ଆଲୋଚନା କରିଥିଲେ।



ନୂତନ ଜିଲାପାଳ ସମର୍ଥ ବର୍ମା ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ୨ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ

**ପୁରୀ ଅଫିସ,୭।୧**

**୨ ଅଭିଯୁକ୍ତ ଅଟକ, ଜଣେ ଫେରାର**

ପୁରୀ ସହରସ୍ଥ ଜହ୍ନିମୁଣ୍ଡିଆ ଛକଠାରେ ଗୁରୁବାର ଏକ ଗଣମାଧ୍ୟମ ସଂସ୍ଥାର ଖବରଦାତା ଓ ଫଟୋଗ୍ରାଫରଙ୍କୁ ଆକ୍ରମଣ କରାଯାଇଛି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୦୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଖବରଦାତା ଆଲୋକ ଆଶୁତୋଷ ନାୟକ ଓ ଫଟୋଗ୍ରାଫର୍ ସନାତନ ଭୋଇ ଜହ୍ନିମୁଣ୍ଡିଆ ଛକ ଦେଇ ଆସୁଥିବାବେଳେ ଦୁଇଜଣ ଯୁବକ ଏମାନଙ୍କ ଉପରେ ଆକ୍ରମଣ କରିଥିଲେ। ନିଜ ପିତାଙ୍କ ଉପସ୍ଥିତିରେ ଯୁବକ ଦ୍ୱୟ ପ୍ରଥମେ ସନାତନଙ୍କ ହାତରୁ କ୍ୟାମେରା ଛଡ଼ାଇ ଭାଙ୍ଗିଥିଲେ। ପରେ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଆଲୋକ ଓ ସନାତନ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସାନ ପୁଅ ଓ ତାଙ୍କ ବାପାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟତମ ଅଭିଯୁକ୍ତ ତଥା ବଡପୁଅ ଫେରାର ଅଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଦଫା ୨୩, ୨୯୪, ୩୦୭, ୪୨୭, ୩୭୯, ୫୦୬ ଓ ୩୪ ରୁଜୁ ହୋଇଛି। ଏହି ଘଟଣାକୁ ପୁରୀ ସହରର ଖବରଦାତାମାନେ ନିନ୍ଦା କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ନିକଟରେ ଦାବି ଜଣାଇଛନ୍ତି। ସେହିଭଳି ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଏକାଠି ହୋଇ ଘଟଣାର ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।




ପୁରୀ ଆଳିପଦାସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଗୁରୁବାର ଆୟୋଜିତ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବରେ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦାଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି।

# ବିଜେଡିରେ ଯୋଗଦେଲେ ୩ଶହ ଭାଜପା କର୍ମୀ

**ପୁରୀ ଅଫିସ,୭।୧**

ପୁରୀ ନରେନ୍ଦ୍ରକୋଣସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ଗୁରୁବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ମଣ୍ଡଳ ସଭାପତି ଭଗବାନ ନାୟକ, ପୂର୍ବତନ ବେଣ୍ଟପୁର ସରପଞ୍ଚ ଜୀବେଶ ରାଉତରାୟ ଓ ଅନୁସୂଚିତ ବର୍ଗର ନେତା ସାଧୁ ଚରଣ ସେଠୀଙ୍କ ସମେତ ବ୍ରହ୍ମଗିରି, ବେଣ୍ଟପୁର ଓ ବ୍ରାହ୍ମଣିଆ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଭାଜପା ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ କର୍ତ୍ତବ୍ୟ ନିଷ୍ଠା ଓ ରାଜ୍ୟ ପ୍ରତି ଥିବା ସମର୍ପଣ ମନୋଭାବ ଦ୍ୱାରା ପ୍ରଭାବିତ ହୋଇ ସେମାନେ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଓ ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା। ରାଜ୍ୟ ପରିଷଦ ସଦସ୍ୟ ବିରଞ୍ଚି ନାରାୟଣ ଦାସ, ଜିଲା ବିଜେଡି ଉପସଭାପତି ସୁର ପ୍ରସାଦ ମହାନ୍ତି, ବ୍ରହ୍ମଗିରି ସଭାପତି ବିଦ୍ୟାଧର ସ୍ୱାଇଁ ଏବଂ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଉପାଧ୍ୟକ୍ଷ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ।



ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା, ଜିଲା ସଭାପତି ମହେଶ୍ୱର ମହାନ୍ତି ଏବଂ ବିଜେଡିରେ ମିଶିଥିବା କର୍ମୀମାନେ।

## ବିଭିନ୍ନ ଦୋକାନରେ ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ାଉ

### ମାନ ଯାଞ୍ଚ ଲାଗି ୩୫ ନମୁନା ସଂଗ୍ରହ

**ପୁରୀ ଅଫିସ,୭।୧**

ପୁରୀ ଜିଲା ଖାଦ୍ୟ ସୁରକ୍ଷା ଟିମ୍ ଗୁରୁବାର ବିଭିନ୍ନ ସ୍ଥାନରେ ପହଞ୍ଚି ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ କରିଛି। ଏହି ଟିମ୍ ଅଚାନକ ନାଗପୁର, ଦଳନଈ, ମଦରଙ୍ଗା ପ୍ରଭୃତି ସ୍ଥାନରେ ପହଞ୍ଚି ବିଭିନ୍ନ ଦୋକାନରେ ବିକ୍ରି ଖାଦ୍ୟର ମାନକୁ ପରଖିଛି। ତେଜରାତି ଦୋକାନ, ଫଳ ଦୋକାନ, ପରିବା ଦୋକାନ ଓ ମିଠା ଦୋକାନ ଆଦି ସମେତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି କେନ୍ଦ୍ରରେ ଯାଞ୍ଚ କରାଯାଇଛି। କେତେକ ସ୍ଥାନରେ ଖାଦ୍ୟର ମାନ ଖରାପ ରହିଥିଲା। ଖାଦ୍ୟ ଅନୁପଯୋଗୀ ଫଳ ଓ ମିଠାକୁ ଜବତ କରି ଖାଦ୍ୟ ସୁରକ୍ଷା ଟିମ୍ ନଷ୍ଟ କରିଦେଇଛି। ସେହିଭଳି ତେଜରାତି ଦୋକାନଗୁଡ଼ିକରେ ଖାଦ୍ୟ ସୁରକ୍ଷା ଟିମ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ଚାଲୁ ରଖିଥିଲା। ସହଜରେ ଅପମିଶ୍ରିତ ହୋଇପାରୁଥିବା ସାମଗ୍ରୀ ଯଥା, ଡାଲି, ମଇଦା, ଅଟା, ବେସନ, ସୁଜି ଆଦି ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା ପାଇଁ ୩୫ଟି ନମୁନା ସଂଗ୍ରହ କରାଯାଇଛି। ଏହି ଟିମ୍‌ରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତି ଓ ଖାଦ୍ୟ ଯାଞ୍ଚ ସହାୟକ ଭ୍ରମରବର ଜେନା ପ୍ରମୁଖ ସାମିଲ ଥିଲେ। ଅପମିଶ୍ରଣ ରୋକାଯିବାକୁ ଚଢ଼ାଉ ପ୍ରକ୍ରିୟା ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି।

## ଆମ ପୋଲିସ କାର୍ଯ୍ୟକ୍ରମ

**ନିମାପଡ଼ା,୭।୧(ଡି.ଏନ୍.ଏ.)**

ନିମାପଡ଼ା ଥାନା ପୋଲିସ ପକ୍ଷରୁ ଗୁରୁବାର ଆମ ପୋଲିସ କାର୍ଯ୍ୟକ୍ରମ ଓ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଆଇଆଇସି ଜନାର୍ଦ୍ଦନ ପାଢୀ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା, ଉତ୍ତମ ବୁଝାମଣା, ପୋଲିସ ପ୍ରତି ଲୋକଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦ୍ରୁତ ନ୍ୟାୟ ପ୍ରଦାନ ପାଇଁ ପୋଲିସ ଯତ୍ନବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ପ୍ରତ୍ୟେକ ବ୍ୟାଙ୍କରେ ଆଡ୍‌ଭାଇଜରି ଲଗାଯିବ। ବଡ଼ ବ୍ୟବସାୟ ପ୍ରତିଷ୍ଠାନରେ ସିସି କ୍ୟାମେରା ଲଗାଯିବା, ଫାଇନାନ୍ସ କମ୍ପାନୀର ଏଜେଣ୍ଟମାନେ ପୋଲିସ ସହାୟତାରେ ଗ୍ରାହକଙ୍କ ଠାରୁ ଟଙ୍କା ଆଦାୟ ଦିଗରେ ଆଇଆଇସି ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ, ସ୍ୱର୍ଣ୍ଣକାର ସଂଘ ସଭାପତି ଗଙ୍ଗାଧର ସାହୁ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପିପିଲି, ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

**ପିପିଲି, ୭।୧(ସ୍ୱ.ପ୍ର.)**

କାୟାକଳ୍ପ ଟିମ୍ ଗୁରୁବାର ପିପିଲି ଓ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛି। ଟିମ୍‌ର ସଦସ୍ୟମାନେ ଏହି ଦୁଇ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା, ଭିତ୍ତିଭୂମି, ପରିମଳ ବ୍ୟବସ୍ଥା ଆଦି ଅନୁଧ୍ୟାନ କରିଛନ୍ତି। କେତେକ ଅବ୍ୟବସ୍ଥା ନେଇ ସେମାନେ କ୍ଷୁବ୍ଧ ହୋଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ କାୟାକଳ୍ପ ଟିମର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭେନ୍ଦୁ କୁମାର ନାୟକ, ଆୟୁଷ ଡାକ୍ତର ପିୟୁଷ ମହାନ୍ତି, ଡାକ୍ତର ଶୁଭ୍ରଭାନୁ ପଣ୍ଡା ଏହି ଟିମ୍‌ରେ ଆସିଥିଲେ। ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ବିଜୟଲକ୍ଷ୍ମୀ ସାହୁ ଏହି ଟିମକୁ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣ କର୍ମଚାରୀ ଅନୁପସ୍ଥିତ ଥିବା ସେମାନେ ଜାଣିବାକୁ ପାଇଥିଲେ। ଟିକାକରଣ କକ୍ଷରେ ତୁଳା ଏଣେତେଣେ ପଡ଼ିଥିବା ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ସୂଚନା ବୋର୍ଡ ବ୍ୟାଣ୍ଡେଜ ଟେପ୍‌ରେ ଝୁଲୁଥିବା ଦେଖି ଏପରି ନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମନ୍ୱିତ ପରୀକ୍ଷାଗାରରେ ହାଣ୍ଡୱାଶ ନ ଥିବା, ଠିକ୍ ଭାବେ ପାଣି ଟ୍ୟାପ ନ ଲାଗିବା, ଟିକାକରଣ କକ୍ଷରେ ଲାଇନ ତାର ବିପଦସଂକୁଳ ଅବସ୍ଥାରେ ଝୁଲିଥିବା ଆଦି ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ନିରାମୟ କେନ୍ଦ୍ରରେ ୩ଟି କାଉଣ୍ଟର କରିବା ପାଇଁ କହିଥିଲେ।



କାୟାକଳ୍ପ ଟିମ୍‌ର ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି।

# ନିମ୍ନମାନର ରାସ୍ତା କାମର ତଦନ୍ତ ହେବ

**ପିପିଲି, ୭।୧(ସ୍ୱ.ପ୍ର.)**

**ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟର ସମୀକ୍ଷା**
- କାର୍ଯ୍ୟ ଧିମେଇ ଥିବାରୁ ଅଧୀକ୍ଷଣ ଯନ୍ତ୍ରୀ ବିରକ୍ତ ହେଲେ
- ଯନ୍ତ୍ରୀମାନଙ୍କୁ ସମୟାନୁବର୍ତ୍ତିତା ହେବା ପାଇଁ ତାଗିଦ୍ କଲେ

ଦୀର୍ଘ ୫ବର୍ଷ ପରେ ପିପିଲି ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ଗୁରୁବାର ଉପବିଭାଜନସ୍ତରୀୟ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଅଧୀନ କାର୍ଯ୍ୟଗୁଡ଼ିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପିପିଲି ଅଞ୍ଚଳରେ ହୋଇଥିବା ନିମ୍ନମାନର ପିଏମ୍‌ଜିଏସ୍‌ୱାଇ ରାସ୍ତା କାମର ତଦନ୍ତ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୫ ମସିହା ପରେ ଗୁରୁବାର ପିଏମ୍‌ଜିଏସ୍‌ୱାଇ ଅଧୀନ ରାସ୍ତା ନିର୍ମାଣ ସଂକ୍ରାନ୍ତ ସମୀକ୍ଷା ବୈଠକ ବସିଥିଲା। ଏଥିରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ନିର୍ବାହୀ ଯନ୍ତ୍ରୀ ରାମପ୍ରସାଦ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ପଟ୍ଟନାୟକ, ଡେପୁଟି ନିର୍ବାହୀ ଯନ୍ତ୍ରୀ ଶ୍ରୀବତ୍ସ ଦାସଙ୍କ ସମେତ ସମ୍ପୃକ୍ତ ଠିକାଦାରମାନେ ଉପସ୍ଥିତ ଥିଲେ। ଏହି ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ଦ୍ଧାରିତ ମାନଦଣ୍ଡରେ କାମ ହେଉଛି କି ନାହିଁ, ଠିକ୍ ମାନର କାମ, ଧାର୍ଯ୍ୟ ସମୟରେ କାମ ଆଗେଇଛି କି ନାହିଁ, ବିଳମ୍ବ ହେବାର କାରଣ ସହ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ପ୍ରକଳ୍ପ କାର୍ଯ୍ୟ ଧିମେଇ ଥିବାରୁ ଅଧୀକ୍ଷଣ ଯନ୍ତ୍ରୀ ବିରକ୍ତି ପ୍ରକାଶ କରିଥିଲେ। ଜାନୁୟାରୀ ଶେଷ ସୁଦ୍ଧା ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକ ଚାଲିଥିବାବେଳେ ବ୍ଲକ ଉପାଧ୍ୟକ୍ଷ ପହଞ୍ଚି ଓରକେଲ ପଞ୍ଚାୟତର ଏକ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟାଳୟ ଶିଡ଼ି ପାହାଚର ଭଙ୍ଗା ରେଲିଂ, ଦଦରା ଘର, ଭଙ୍ଗା ପାଚେରି ଆଦି ଦେଖି ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଯନ୍ତ୍ରୀମାନଙ୍କୁ ସମୟାନୁବର୍ତ୍ତିତା ହେବା ପାଇଁ ସେ ତାଗିଦ୍ କରିଥିଲେ। କାର୍ଯ୍ୟାଳୟକୁ ଠିକ୍ ସମୟରେ ଓ ନିୟମିତ ଭାବେ ନ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଚେତାବନୀ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିକ୍ରମ



@ ଅମିଷା



@ ନିମେଶ



@ ରାଜେନ୍ଦ୍ର



@ ସାଗର



@ ଶ୍ରୀତମ



@ ଚିନ୍ମୟ



@ ଆୟୁଷ୍ମାନ